୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.27. No.53 Bhubaneswar Thursday April 03 2025 | ୨୭ତମ ବର୍ଷ ସଂଖ୍ୟା–୫୩ ଭୁବନେଶ୍ୱର, ଗୁରୁବାର, ଅପ୍ରେଲ ୦୩, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

## ରାଜ୍ୟ ସରକାରଙ୍କ ମିଛ ଅସ୍ମିତା ଭିତରେ ହଜିଯିବ କି କୋଟିଆର ଅସ୍ତିତ୍ୱ ?





କୋଟିଆ,୨ ।୪(ପି.ଏନ): ଆନ୍ଧ୍ରରେ ଲିଭିଯିବ କି କୋରାପୁଟ ସୀମାବର୍ତ୍ତୀ କୋଟିଆ ? ରାଜ୍ୟ ସରକାରଙ୍କ ମିଛ ଅସ୍ମିତା ଭିତରେ ହଜିଯିବ କି ଅସ୍ତିତ୍ୱ ? ଆଦିବାସୀଙ୍କୁ ପ୍ରଲୋଭିତ କରୁଛି ପଡ଼ୋଶୀ ରାଜ୍ୟ । ଅନୁପ୍ରବେଶ ସହ ଓଡ଼ିଆ ଭାଷା, ସଂସ୍କୃତି ଉପରେ ବି କବଜା । ସୀମାକୁ ସୁରକ୍ଷା ଦେବାରେ ଫେଲ ରାଜ୍ୟ ସରକାର । ପୂର୍ବ ସରକାରଙ୍କ ସମୟରେ କୋରାପୁଟ ଜିଲ୍ଲା ସୀମାନ୍ତ କୋଟିଆର ବିକାଶ ପାଇଁ ଖର୍ଚ୍ଚ କରାଯାଇଥିଲା ୧୫୦ କୋଟି ଟଙ୍କା । ନୂଆ ଥାନା, ଆଦର୍ଶ ବିଦ୍ୟାଳୟ, ବ୍ଲାକଟପ୍ ରାସ୍ତା, ସବୁ ଗାଁରେ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ହୋଇଥିଲା । ହେଲେ ଏବେ କୋଟିଆ ଉପରେ ପୁଣି ଥରେ ଲୋଲୁପ ଦୃଷ୍ଟି ପକାଇଛି ଆନ୍ଧ୍ର । ବାର୍ଦ୍ଧକ୍ୟ ଭତ୍ତା, ଆମ୍ମାଓ୍ୱାଡ଼ି ଯୋଜନାରେ ଆର୍ଥିକ ସହାୟତା ସହ କାର୍ଡ ବଦଳାଇ ଲୋକଙ୍କ ନୂଆ ଆଧାର ଓ ଭୋଟ କାର୍ଡ କରାଯାଉଥିବା ଅଭିଯୋଗ ହୋଇଛି । ଏପରି ସ୍ଥିତିରେ ଓଡ଼ିଶା ସରକାରଙ୍କ ନୀରବତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଅଞ୍ଚଳବାସୀ ।ଖାଲି ଅନୁପ୍ରବେଶ ନୁହେଁ ଓଡ଼ିଶାର ଭାଷା ଓ ସଂସ୍କୃତି ଉପରେ ବି କବଜା କରିବାକୁ ପ୍ରୟାସ କରିଛି ପଡୋଶୀ ରାଜ୍ୟ । ଓଡ଼ିଶାର ଗାଁ, ଓଡ଼ିଶାର ମାଟି ହେଲେ ବି ଓଡ଼ିଆ ପଢିପାରୁ ନାହାନ୍ତି ଏଠାକାର ପିଲା । ତେଲୁଗୁ ଭାଷାରେ ପିଲାଙ୍କୁ ପଢ଼ାଯାଉଛି ପାଠ । ଆଉ ପାଠ ପଢ଼ାଉଛନ୍ତି ଆନ୍ଧ୍ର ସରକାରଙ୍କ ଶିକ୍ଷକ । ପଞ୍ଚାୟତର ବିବାଦୀୟ ୨୧ ଖଣ୍ଡ ଗ୍ରାମବାସୀଙ୍କ ପିଲାଙ୍କୁ ଓଡ଼ିଆ ଭାଷାରେ ପାଠ ପଢ଼ି ଓଡ଼ିଆ ଶିଖିବେ ସେଥିପାଇଁ ଅନୁଦାନ ଢାଳି ଓଡ଼ିଶା ସରକାର । ତାଡ଼ିବାଲସା ଗ୍ରାମରେ ନେତାଜୀ ସୁବାସ ଚ଼ନ୍ଦ୍ର ବୋଷ ଆବାସିକ ବିଦ୍ୟାଳୟ, କୋଟିଆରେ ସରକାରୀ ଉଚ୍ଚ଼ ବିଦ୍ୟାଳୟ, ଗଞ୍ଜେଇ ପଦର ଗ୍ରାମରେ ଆଦର୍ଶ ବିଦ୍ୟାଳୟ ଆଦି ନିର୍ମାଣ କରାଯିବା ସହ ଛାତ୍ରାବାସ ଓ ମାଗଣାରେ ବହି ପୋଷାକ, ଖାଇବା, ସାଇକେଲ ଯୋଗାଇ ଦିଆଯାଉଛି । ହେଲେ ସ୍କୁଲରେ ଦାଖିଲା ନେବାକୁ ପ୍ରତି ପିଲାଙ୍କ ପିଛା ୧୫ ହଜାର ଟଙ୍କା ଆର୍ଥିକ ସହାୟତା ଦେଇ ପ୍ରଲୋଭିତ କରୁଛି ଆନ୍ଧ୍ର । ତେଣୁ ପାଠ ପଢାଇବା ଏଠାରେ ଚ଼୍ୟାଲେଞ୍ଜ ସୃଷ୍ଟି କରିଥିବା କହିଛନ୍ତି ଶିକ୍ଷକ। ତୁରନ୍ତ ପଦକ୍ଷେପ ନନେଲେ ଓଡ଼ିଶା ମାନଚ଼ିତ୍ରରୁ କୋଟିଏ ହଜିଯିବା ଆଶଂକା ରହିଥିବା କହିଛନ୍ତି ବୁଦ୍ଧିଜୀବୀ ।

## ନକଲି ପୋଲିସକୁ ବାନ୍ଧିଲା ଅସଲି ପୋଲିସ: ହୋମଗାର୍ଡ ଚ଼ାକିରି କରାଇ ଦେବାକୁ କହି ଲୁଟୁଥିଲା



କଟକ,୨ ।୪(ପି.ଏନ): ଖାକି ପୋଷାକ ପିନ୍ଧି ଠକାମୀ । ନକଲି ପୋଲିସକୁ ବାନ୍ଧିଲା ଅସଲି ପୋଲିସ । ହୋମଗାର୍ଡ ଚ଼ାକିରି କରାଇ ଦେବାକୁ କହି ଦେଢ଼ଲକ୍ଷ ଟଙ୍କା ଲାଞ୍ଚ ମାଗୁଥିବା ନକଲି ପୋଲିସ ଇନ୍ସପେକ୍ଟରକୁ ଗିରଫ କଲା ବାଦାମବାଡି ଥାନା ପୋଲିସ । ଗିରଫ ନକଲି ପୋଲିସ ହେଲେ ଗୁଣ୍ଡିଚ଼ା ଦଳେଇ । ନିଜକୁ କଟକ ଜିଲ୍ଲା ଗ୍ରାମାଞ୍ଚଳ ପୋଲିସ ଇନ୍ସପେକ୍ଟରର ପରିଚ଼ୟ ଦେଇ ହୋମଗାର୍ଡ ଚ଼ାକିରି ପାଇଁ ଆଶାୟୀ ଥିବା ଯୁବକଙ୍କ ଠାରୁ ଲୁଟୁଥିଲେ । ଥାନାରେ ଏତଲା ଦେଇଥିଲେ ଯୁବକ । ଆଜି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚ଼ାଲାଣ କରିଛି ପୋଲିସ । ଅଭିଯୋଗକାରୀ ଜୀତାନସୁ ଶେଖର ପରିଡା ବାଦାମବାଡ଼ି ଉଘଇଞ୍ଜ ବସ ଷ୍ଟାଣ୍ଡରେ ସୁରକ୍ଷାକର୍ମୀ ଭାବରେ କାର୍ଯ୍ୟ କରନ୍ତି । ବର୍ତ୍ତମାନ ହୋମଗାର୍ଡ ପାଇଁ ପୋଷ୍ଟ ବାହାରି ଥିବାବେଳେ ଚ଼ାକିରି କରାଇ ଦେବା ବାହାନାରେ ଲକ୍ଷାଧିକ ଟଙ୍କା ଲୁଟିଥିଲେ ଫେକ ପୋଲିସ ଗୁଣ୍ଡିଚ଼ା ଦଳେଇ । ଗିରଫ ସମୟରେ ୩ ଟି ଖାକି ପୋଷାକ, ଫେକ ଆଇଡି କାର୍ଡ, ଏକ ଲ୍ୟାପଟପ, ୫ ମୋବାଇଲ ଜବତ କରିଛି ପୋଲିସ । ଏହାସହ ତାଙ୍କ ବ୍ୟାଙ୍କ ଆକାଉଣ୍ଟ ରୁ ୪ ଲକ୍ଷ ଟଙ୍କା ଫ୍ରିଜ କରଯାଇଛି । ତଦନ୍ତ ସମୟରେ ଯେଉଁମାନେ ଠକେଇର ଶିକାର ହୋଇଥିବେ ସେମାନଙ୍କୁ ଟଙ୍କା ଫେରସ୍ତ କରାଯିବ ବୋଲି କହିଛନ୍ତି ଡିସିପି ଋଷିକେଶ ଖିଲାରୀ । ଏହି ସିଣ୍ଡିକେଟରେ ପାଖାପାଖି ୪୦ ଜଣ ଠକେଇର ଶିକାର ହୋଇଛନ୍ତି । କେବଳ ପୋଲିସ ଚ଼ାକିରି ନୁହେଁ, ଆରଆଇ, ଅମିନ ଚ଼ାକିରି କରିବା ନାଁରେ ମଧ ଠକେଇ କରୁଥିଲା ଗୁଣ୍ଡିଚ଼ା । ୟୁନିଫର୍ମ ପିନ୍ଧି ଫଟୋ ଉଠାଇ ଚ଼ାକିରି କରାଇ ଦେବା ବାହାନାରେ ଲୁଟୁଥିଲା ଲକ୍ଷାଧିକ ଟଙ୍କା । ଗୁଣ୍ଡିଚ଼ାକୁ ଅଧିକ ତଦନ୍ତ ପାଇଁ ରିମାଣ୍ଡରେ ଅଣାଯିବ ବୋଲି ଡିସିପି ସୂଚ଼ନା ଦେଇଛନ୍ତି ।

## ଭୁବନେଶ୍ୱରରେ ବିଭିନ୍ନ ଉତ୍ସରୁ ୨୦୦ କୋଟିର ରାଜସ୍ୱ ଆଦାୟ କଲା ବିଏମସି



ଭୁବନେଶ୍ୱର,୨ ।୪(ପି.ଏନ): ଭୁବନେଶ୍ୱରରେ ବିଭିନ୍ନ ଉତ୍ସରୁ ରାଜସ୍ୱ ଆଦାୟ କଲା ବିଏମସି । ୨୫୦ କୋଟିର ଟଙ୍କାର ରାଜସ୍ୱ ଆଦାୟ ନେଇ ଟାର୍ଗେଟ ଥିବା ବେଳେ ମାର୍ଚ୍ଚ ୩୧ ଶୁଦ୍ଧା ୨ଶହ କୋଟି ଟଙ୍କା ଆଦାୟ ହୋଇଛି । ଗୃହ ବା ହୋଲ୍ଡିଂ ଟ୍ୟାକ୍ସ କଲେକ୍ସନରେ ରେକର୍ଡ କଲା ବିଏମସି । ଗତବର୍ଷ ୭୦ କୋଟି ଆଦାୟ କରିଥିବା ବେଳେ ଚ଼ଳିତ ବର୍ଷ ୧୩୦ କୋଟି ଟଙ୍କା ଆଦାୟ ନେଇ ଲକ୍ଷ୍ୟ ରଖିଛି ବିଏମସି । ଚ଼ଳିତବର୍ଷ ଗୃହ ବା ହୋଲ୍ଡିଂ ଟ୍ୟାକ୍ସ ଆଦାୟ ୧୩୦ କୋଟି ଟଙ୍କା ଆଦାୟ ହେବ ବୋଲି ଅନୁମାନ କରିଛି ବିଏମସି । ରାଜସ୍ୱ ଟଙ୍କାରେ ବିଏମସିର ସମସ୍ତ ଓ୍ୱାର୍ଡର ଡ୍ରେନେଜ, ସାନିଟେସନ, ଏବିସି କାର୍ଯ୍ୟକ୍ରମ ସହିତ ଏକାଧିକ ବିକାଶ ମୂଳକ କାର୍ଯ୍ୟକ୍ରମରେ ଖର୍ଚ୍ଚ ହୁଏ । କେବଳ ବେସକାରୀ ନୁହେଁ ଅନେକ ସରକାରୀ ସଂସ୍ଥା ମଧ ହୋଲ୍ଡିଂ ଟ୍ୟାକ୍ସ ଦେଇ ନାହାନ୍ତି । ଇଡକୋ ୫୭ କୋଟି ଟଙ୍କାର ଗୃହ ଟ୍ୟାକ୍ସ ଦେଇନି ।ଏ ନେଇ ଅର୍ଥ ସଚ଼ିବ ଓ ବିଏମସି କମିଶନରଙ୍କ ମଧରେ ଆଲୋଚ଼ନା ହୋଇଛି । ହୋଲ୍ଡିଂ ଟ୍ୟାକ୍ସ ବାଦ ଟ୍ରେଡ ଲାଇସେନ୍ସ, ବିଜ୍ଞାପନ, ରେଣ୍ଟ, ୟୁଜର ଫି, ପାର୍କିଂ ଫି, ଫିକ୍ସ ଡିପୋଜିଟର ଶୁଧ, ଏଡବ୍ଲୁଏମ ୟୁଜର ଫି ଓ ଅନ୍ୟାନ୍ୟ ବାବଦ ରାଜସ୍ୱକୁ ମୋଟ ୨ଶହ କୋଟି ଟଙ୍କା ଆଦାୟ ହୋଇଛି । ଏକାଧିକ ସଂସ୍ଥା କିଛିକାଂଶରେ ବକେୟା ପାଉଣା ପୈଠ କରିଥିବା ବେଳେ ଆଗକୁ ଆଉ ବାକି ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି । ୬୭ଟି ଓ୍ୱାର୍ଡରେ ୩୦ ଜଣ ଟ୍ୟାକ୍ସ କଲେକ୍ଟର ଅଛନ୍ତି । ସମୟ ଭିତରେ ଏହାର ଭରଣା ହୋଇପାରିଲେ ସାମଗ୍ରିକ ବିକାଶ ସମ୍ଭବ ହୋଇପାରିବ ବୋଲି କହିଛି ବିଏମସି । ପୂର୍ବରୁ ହୋଲ୍ଡିଂ ଟ୍ୟାକ୍ସ ଏକାଧିକ ସଂସ୍ଥାକୁ ଖିଲାପ ନେଇ ନୋଟିସ ଜାରି କରାଯାଇଥିଲା ।

## କେନ୍ଦ୍ର ସରକାରଙ୍କୁ ଚ଼ିଠି ଲେଖିଲେ ମାଓବାଦୀ, କହିଲେ ଶାନ୍ତି ଆଲୋଚ଼ନା ପାଇଁ ପ୍ରସ୍ତୁତ



ହାଇଦ୍ରାବାଦ,୨ ।୪(ପି.ଏନ):ହଠାତ୍ ବଦଳିଗଲା ମାଓବାଦୀଙ୍କ ସ୍ୱର । ଯେଉଁମାନେ ସରକାରଙ୍କ ବିରୋଧରେ ସଂଗ୍ରାମ ଆରମ୍ଭ କରିଥିଲେ, ସେମାନେ ଏବେ ଶାନ୍ତି ଆଲୋଚ଼ନା ପାଇଁ ଚ଼ିଠି ଲେଖିଛନ୍ତି ।କେନ୍ଦ୍ର ସରକାରଙ୍କ ସହ ଶାନ୍ତି ଆଲୋଚ଼ନା ପାଇଁ ଚ଼ିଠି ଲେଖିଛି ମାଓବାଦୀ ସଙ୍ଗଠନ । ସେଣ୍ଟ୍ରାଲ କମିଟି ଅଫ ଦ କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆ (ସିପିଆଇ) ମାଓବାଦୀ ନାମରେ ଏ ଚ଼ିଠି ରିଲିଜ କରାଯାଇଛି ।ମାଓବାଦୀଙ୍କ ମୁଖପାତ୍ର ଅଭୟ ଏହି ଚ଼ିଠି ରିଲିଜ କରିଛନ୍ତି । ନକ୍ସଲ ପ୍ରବଣ ଇଲାକା ଛତିଶଗଡ, ଓଡିଶା, ମଧ୍ୟପ୍ରଦେଶ, ତେଲଙ୍ଗାନା, ଝାରଖଣ୍ଡ ଏବଂ ମହାରାଷ୍ଟ୍ରରେ ଯବନଙ୍କ ଦ୍ୱାରା ଚ଼ାଲିଥିବା ଫାୟାରିଂ ଅପରେଶନକୁ ରୋକିବା ପାଇଁ ଚ଼ିଠିରେ ଉଲ୍ଲେଖ କରାଯାଇଛି ।

## ଅସୁରକ୍ଷିତ ବ୍ରହ୍ମପୁର: ଦିନ ଦ୍ୱିପ୍ରହରରେ ଘଟୁଛି ହତ୍ୟାକାଣ୍ଡ, ଛିନତାଇ, ରାହାଜାନୀ ଆଦି ଘଟଣା



ବ୍ରହ୍ମପୁର,୨ ।୪(ପି.ଏନ): ଘର ବନ୍ଦ କରି ବୁଲିବାକୁ ଯାଉଛନ୍ତି କି ? ସାବଧାନ ! କୌଣସି ସମୟରେ ଘରେ କଳାକନା ବୁଲାଇ ପାରନ୍ତି ଲୁଟେରା । ଘରେ ଥିଲେ ବି ସୁରକ୍ଷିତ ନୁହେଁ ଧନ ସମ୍ପତ୍ତି । ବ୍ରହ୍ମପୁର ସହରରେ ମାତିଛନ୍ତି ଲୁଟେରା । ନିମଖଣ୍ଡି ଥାନା ଗୁରୁଣ୍ଡି ନିକଟସ୍ଥ ଟେକ୍ନୋପାର୍କ ହାଉସିଂ ଅଞ୍ଚଳରେ ଗୋଟିଏ ରାତିରେ ୫ଟି ଘରେ ସିରିଜ୍ ଚୋରି କରିଛନ୍ତି ଲୁଟେରା । ୫ଟି ଘରେ କଳାକନା ବୁଲାଇବା ସହ ୨ଟି ଘରୁ ଚୋରି ଉଦ୍ୟମ କରିଛନ୍ତି । ଅଭିଯୋଗ ପରେ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାର ତଦନ୍ତ କରୁଛି । ଏହି ହାଉସିଂ ଅଞ୍ଚଳରେ ଥିବା ଆପାର୍ଟମେଣ୍ଟ ଗୁଡ଼ିକରେ ପାଖାପାଖି ୧୩୦ ପରିବାର ରହୁଛନ୍ତି । ହେଲେ ରାତିରେ ଦୁର୍ବୃତ୍ତ ହିମାଂଶୁ ଶେଖର ସାହୁ, ଲକ୍ଷ୍ମୀ ନାରାୟଣ ନାୟକ, ତୁଣ ବାବୁ, ସୀମାଞ୍ଚଳ ପାଢ଼ୀ ଓ ସନ୍ତୋଷ ମିଶ୍ରଙ୍କ ଘରେ ପଶି ଲୁଟି ନେଇଛନ୍ତି ଲକ୍ଷାଧିକ ଟଙ୍କାର ସୁନାଗହଣା । ତେବେ ଅନ୍ୟ ୨ ଜଣ ବ୍ୟକ୍ତିଙ୍କ ଘରୁ ଚୋରି କରିବାକୁ ଉଦ୍ୟମ କରି ବିଫଳ ହୋଇଛନ୍ତି । ଖାଲି ସେତିକି ନୁହେଁ ଆଙ୍କୁଲି ଅଞ୍ଚଳରେ ମଧ କିଛି ଦୁର୍ବୃତ୍ତ ସାହିରେ ଆତଙ୍କ ଖେଳାଇ ବାଇକ ଗୁଡ଼ିକୁ ଭାଙ୍ଗୁଥିବା ଦୃଶ୍ୟ ସିସିଟିଭିରେ କଏଦ ହୋଇଛି ।ଗତ କିଛିଦିନ ହେଲା ବ୍ରହ୍ମପୁରରେ ବିଗିଡ଼ିବାରେ ଲାଗିଛି ଆଇନଶୃଙ୍ଖଳା । ଫେବୃଆରୀ ୨ ତାରିଖ ରେ ବୈଦ୍ୟନାଥପୁର ଥାନା ଅଧୀନ ଆଙ୍କୁଲି ଶ୍ମଶାନରେ ଜଣେ ଅଟୋ ଚ଼ାଳକଙ୍କୁ ଆକ୍ରମଣ କରି ଟଙ୍କା ଲୁଟି ନେଇଥିଲେ । ତାଲା ବନ୍ଦ ଘର ଓ ନିର୍ମାଣ ଘରକୁ ଟାର୍ଗେଟ କରୁଛନ୍ତି ଲୁଟେରା । ବୋମା ମାଡ଼ ଓ ହତ୍ୟା ଘଟଣା ବି ବଢିବାରେ ଲାଗିଛି । କେତେବେଳେ କାହାକୁ ଅପହରଣ କରି ନେଉଛନ୍ତି ଦୁର୍ବୃତ୍ତ । ଠାକୁରାଣୀ ଯାତ୍ରା ଓ ଦଣ୍ଡଯାତ୍ରା ସମୟରେ ଏପରି ଘଟଣା ପୋଲିସର କାର୍ଯ୍ୟଦକ୍ଷତା ନେଇ ଉଠାଇଛି ପ୍ରଶ୍ନ ।

## କିଟ୍ ଓ ସିଲନ୍ ରସାୟନ ବିଜ୍ଞାନ ପ୍ରତିଷ୍ଠାନ ମଧ୍ୟରେ ବୁଝାମଣା



ଭୁବନେଶ୍ୱର,୨ ।୪(ପି.ଏନ): ଶିକ୍ଷା ଏବଂ ଗବେଷଣା କ୍ଷେତ୍ରରେ ସହଯୋଗକୁ ସୁଦୃଢ଼ କରିବା ପାଇଁ କିଟ୍ ଓ ଶ୍ରୀଲଙ୍କାର ସିଲନ ରସାୟନ ବିଜ୍ଞାନ ପ୍ରତିଷ୍ଠାନ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଯାଇଛି । କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶରଣଜିତ ସିଂହ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିବା ବେଳେ ସିଲନ ରସାୟନ ବିଜ୍ଞାନ ପ୍ରତିଷ୍ଠାନ ପକ୍ଷରୁ ଏହାର ଅଧ୍ୟକ୍ଷ ଏବଂ କେଲନିଆ ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗର ପ୍ରଫେସର ଜେନିଥା ଆବେଉଇକ୍ରେମା ଲିଆନାଗେ ଏଥିରେ ସ୍ୱାକ୍ଷର କରିଛନ୍ତି। ସିଲନ ରସାୟନ ବିଜ୍ଞାନ ପ୍ରତିଷ୍ଠାନ ହେଉଛି ଶ୍ରୀଲଙ୍କାର ରସାୟନ ବିଜ୍ଞାନୀମାନଙ୍କ ପ୍ରତିନିଧିତ୍ୱ କରୁଥିବା ଏକ ପ୍ରତିଷ୍ଠିତ ବୃତ୍ତିଗତ ସଂସ୍ଥା। ଏହି ବୁଝାମଣା ଅନୁସାରେ ଉଭୟ ଅନୁଷ୍ଠାନ ଶୈକ୍ଷିକ ବିନିମୟ, ମିଳିତ ଗବେଷଣା ପାଇଁ ପଦକ୍ଷେପ ନେବା ସହ ରସାୟନ ବିଜ୍ଞାନ କ୍ଷେତ୍ରରେ କ୍ଷମତା-ନିର୍ମାଣ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବେ। ଏହି କାର୍ଯ୍ୟକ୍ରମରେ କିଟ୍ ଏବଂ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ଓପନ ୟୁନିଭରସିଟି ଅଫ୍ ଶ୍ରୀଲଙ୍କାର ରସାୟନ ବିଜ୍ଞାନ ବିଭାଗ ପ୍ରଫେସର ଡ ଥେଲମା ଆବେସିଂଘେ ଏବଂ କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ସହଭାଗିତା କିଟ୍ ଏବଂ ସିଲନ୍ ଇନଷ୍ଟିଚ୍ୟୁଟ୍ ଅଫ୍ କେମେଷ୍ଟ୍ରି ମଧ୍ୟରେ ଗବେଷଣା, ଅଧ୍ୟାପକ ଏବଂ ଛାତ୍ର ବିନିମୟ କାର୍ଯ୍ୟକ୍ରମ ଏବଂ ଜ୍ଞାନର ଆଦାନପ୍ରଦାନ ପଦକ୍ଷେପକୁ ସହଜ କରିବ ବୋଲି ଆଶା କରାଯାଉଛି।

## ଏଣିକି ଚ଼ାଉଳ ସାଙ୍ଗକୁ ଗହମ ଦେବେ ସରକାର, କିନ୍ତୁ ଗହମ ରଖିବା ପାଇଁ ନାହିଁ ଗୋଦାମ ବ୍ୟବସ୍ଥା



ଭୁବନେଶ୍ୱର,୨ ।୪(ପି.ଏନ): ଖାଦ୍ୟ ସୁରକ୍ଷା ଯୋଜନାରେ ଚ଼ାଉଳ ସହ ମିଳିବ ଗହମ। ପୂର୍ବରୁ ଗହମ ଯୋଗାଣ ବନ୍ଦ ଥିବା ବେଳେ ହିତାଧିକାରୀଙ୍କୁ ଗହମ ଯୋଗାଇବାକୁ ନିଷ୍ପତି ନେଇଛନ୍ତି ସରକାର। କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚ଼ନା ପରେ ପ୍ରଥମ ପର୍ଯ୍ୟାୟ ଗହମ ପହଞ୍ଚିଛି। କିନ୍ତୁ ଗହମ ରଖିବା ପାଇଁ ଗୋଦାମ ବ୍ୟବସ୍ଥା ଓ ପରିବହନ ବ୍ୟବସ୍ଥା ସୁବିଧା ନଥିବାରୁ ଏପର୍ଯ୍ୟନ୍ତ ଗହମ ଯୋଗା ଯାଇ ପାରିନାହିଁ ବୋଲି କହିଛନ୍ତି ଯୋଗାଣ ମନ୍ତ୍ରୀ।ପୁନର୍ବାର କେନ୍ଦ୍ର ସରକାରଙ୍କ ସହ ଆଲୋଚ଼ନା କରିବୁ। ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଛନ୍ତି, ପ୍ରତିଶ୍ରୁତି ରକ୍ଷା କରିବେ ବୋଲି କହିଛନ୍ତି ମନ୍ତ୍ରୀ।ପୂର୍ବାପେକ୍ଷା ଧାନ ଉତ୍ପାଦନ ବଢୁଥିବାରୁ ଚ଼ାଉଳ ଉତ୍ପାଦନ ବି ବଢ଼ିଛି। ପୂର୍ବରୁ ରଉଓ ୨୬ ଲକ୍ଷ ମେଟ୍ରିକ ଟନ ଚ଼ାଉଳ ନେଉଥିଲା। ଏବେ ଆଉ ୨୦ ଲକ୍ଷ ମେଟ୍ରିକ ଟନ ଚ଼ାଉଳ ନେବାକୁ ରଉଓ ରାଜି ହୋଇଛି। ଚ଼ଳିତ ବର୍ଷ ମୋଟ ୪୬ ଲକ୍ଷ ମେଟ୍ରିକ ଟନ ଚ଼ାଉଳ ନେବ ରଉଓ ।ଏହା ପରେ ବି ବଳକା ରହି ଯାଉଥିବା ୧୫ ଲକ୍ଷ ମେଟ୍ରିକ ଟନ ଚ଼ାଉଳ ରୁ ୧୦ ଲକ୍ଷ ମେଟ୍ରିକ ଟନ ଚ଼ାଉଳ ରଖିବାକୁ ସରକାର ଗୋଦାମ କରୁଛନ୍ତି। ବାକି ୫ ଲକ୍ଷ ମେଟ୍ରିକ ଟନ ଚ଼ାଉଳକୁ ଫ୍ରି ସେଲ କରିବାକୁ ବ୍ୟବସ୍ଥା କରାଯାଉଛି ବୋଲି କହିଛନ୍ତି ମନ୍ତ୍ରୀ।ବିଜେଡି ବିଧାୟକ ଗୌତମ ବୁଦ୍ଧ ଦାସ ପଚ଼ାରିଥିଲେ କେବେ ଠାରୁ ଗହମ ବଣ୍ଟାଯିବ ଏବଂ କେତେ ଚ଼ାଉଳ କେତେ ଗହମ ମିଳିବ ବୋଲି ବିଧାନସଭାରେ ସେ ପ୍ରଶ୍ନ କରିଥିଲେ ।କିନ୍ତୁ କେବେଠାରୁ ଗହମ ମିଳିବ, କେତେ ଅନୁପାତରେ ମିଳିବ ସେ ନେଇ କୌଣସି ସ୍ପଷ୍ଟ ଉତ୍ତର ରଖି ନାହାନ୍ତି ମନ୍ତ୍ରୀ। ମନ୍ତ୍ରୀ କହିଥିଲେ ସରକାର ପ୍ରତିଶୃତି ଦେଇଛନ୍ତି ପ୍ରତିଶୃତି ରଖିବେ। ପୂର୍ବରୁ ଗହମ ମିଳୁଥିବା ବେଳେ। ବିଜେଡି ସରକାର ସମୟରେ ଗହମ ବନ୍ଦ କରିବାକୁ ଚ଼ିଠି ପରେ ଗହମ ଯୋଗାଣ ବନ୍ଦ ରହିଛି।

## ଆଦିବାସୀଙ୍କୁ ଦୁଃଖ ଦେଉଛି ମହୁଲ ଫୁଲର ଅଭାବୀ ବିକ୍ରି: ପ୍ରଶାସନିକ ଅବହେଳା ସାଜୁଛି କାଳ

ବଲାଙ୍ଗିର,୨ ।୪(ପି.ଏନ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ନିର୍ବାଚ଼ନ ମଣ୍ଡଳୀର ମୁରିବାହାଲ, ତୁରେକେଲା ଓ ବଙ୍ଗୋମୁଣ୍ଡା ହେଉଛି ଆଦିବାସୀ ବହୁଳ ଅଞ୍ଚଳ । ଏଠାକାର ଲୋକମାନେ ଚ଼ାଷ ସମୟ ପରେ ମହୁଲ ଫୁଲ ସଂଗ୍ରହ କରିଥାନ୍ତି । ପ୍ରତିଦିନ ସକାଳୁ ଛୋଟ ଛୋଟ ପିଲାମାନଙ୍କୁ ଧରି ମହିଳା ଓ ପୁରୁଷ ମାନେ ଜଙ୍ଗଲକୁ ଫୁଲ ସଂଗ୍ରହ କରିବାକୁ ଯାଇଥାନ୍ତି । ସଂଗ୍ରହ କରିଥିବା ଫୁଲକୁ ୭ ରୁ ୮ ଦିନ ଖରାରେ ଶୁଖାଇଲା ପରେ ଏହାକୁ ବିକ୍ରି କରିଥାନ୍ତି । କିନ୍ତୁ ଏବର୍ଷ ମହୁଲ ଦର ନିର୍ଦ୍ଧାରିତ ହୋଇ ନଥିବାରୁ ଶୋଷର ଶିକାର ହେଉଛନ୍ତି ମହୁଲ ସଂଗ୍ରହକାରୀ । ଦୁଇ ହଜାର ମସିହା ପୂର୍ବରୁ ଲଘୁ ବନଜାତ ଦ୍ରବ୍ୟର ବଜାର ମୂଲ୍ୟ ବେସରକାରୀ ସଂସ୍ଥା ଓ ବ୍ୟକ୍ତି ବିଶେଷ ମିଶି ନିର୍ଦ୍ଧାରିତ କରୁଥିଲେ । ଦୁଇ ହଜାର ମସିହା ମାର୍ଚ୍ଚରେ ପୂର୍ବ ସରକାର ନୂଆ ନୀତି ପ୍ରଣୟନ କରି ମହୁଲ ସମେତ ୨୮ଟି ଲଘୁବନଜାତ ଦ୍ରବ୍ୟର ପରିଚ଼ାଳନା ଦାୟିତ୍ୱ ପଞ୍ଚାୟତ ହାତରେ ନ୍ୟସ୍ତ କରିଥିଲେ । ନିୟମ ଅନୁସାରେ ପ୍ରତ୍ୟେକ ପଞ୍ଚାୟତ ମହୁଲଫୁଲର ସହାୟକ ମୂଲ୍ୟ ଗ୍ରୀଷ୍ମ ଋତୁ ପୂର୍ବରୁ ଘୋଷଣା କରିବା କଥା । ଚ଼ଳିତ ବର୍ଷ ବର୍ତ୍ତମାନ ପର୍ଯ୍ୟନ୍ତ ମହୁଲର ସହାୟକ ମୂଲ୍ୟ ଘୋଷଣା ନହେବା ଯୋଗୁଁ ମହୁଲ ସଂଗ୍ରହକାରୀମାନେ ବାଧ ହୋଇ ବେପାରୀ ତଥା ମଦ ଭାଟି ମାନଙ୍କରେ କେଜି ପ୍ରତି ୧୨ ରୁ ୧୫ ଟଙ୍କାରେ ବିକ୍ରି କରି ଅଭାବୀ ବିକ୍ରିର ଶିକାର ହେଉଛନ୍ତି । ଅନ୍ୟପଟେ ମହୁଲ ବିକ୍ରି ନିମନ୍ତେ ସ୍ୱତନ୍ତ୍ର ମଣ୍ଡି ବ୍ୟବସ୍ଥା କରିବା ଜରୁରୀ ବୋଲି କହିଛନ୍ତି ଅବକାରୀ ଅଧିକାରୀ । ମହୁଲ ସଂଗ୍ରହକାରୀ ମାନେ ଯେପରି ଉଚ଼ିତ ମୂଲ୍ୟ ପାଇ ପାରିବେ ସେଥିପ୍ରତି ସରକାର ଦୃଷ୍ଟି ଦେବାକୁ ଦାବି ଜୋର ଧରିଛି ।








# ଟି ଟାଇମ୍

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଢ଼ଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଅଯାଏ ଅଥବା ସୁନା,ରୂପା ଦେଲେ ମଧ୍ୟ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ । ଭୋକିଲା ଲେକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ୍ୟ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକକୁ କିଛି ଖାଦ୍ୟ କିମ୍ବା ଶୋଇଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶେଷ୍ଠ ଦାନରେ ପରିଗଣତି ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଳୁକୋଜ ରହିଥାଏ ।

# ପୁରାଣ କାହାଣୀ

## ପଣ୍ଡୁ ଓଷା



ମାର୍ଗଶିର ମାସର ପୂର୍ଣ୍ଣିମା ଦିନ ଏହି ଓଷା ପାଳନ କରାଯାଏ। ମାର୍ଗଶିର ପୂର୍ଣ୍ଣିମାକୁ ପଣ୍ଡୁ ପୂର୍ଣ୍ଣିମା ମଧ୍ୟ କୁହାଯାଏ। ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ। ସକାଳୁ ସକାଳୁ କୁହୁଡି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ। ଏଣୁ ଏହି ପୂର୍ଣ୍ଣିମାର ନାଁ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ। ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ। ନାରୀମାନେ ଏହି ବ୍ରତ ମାଧ୍ୟମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି। ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ିସନ୍ତାନ କାମନା। ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି। ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି ଲିପାଯାଏ। ଚିତା ଓ ମୁରୁଜ ତା' ଉପରେ ପକାଯାଏ। ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବେଦ୍ୟ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ। ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା। ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ। ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡିଆ ଦେଇ ନଡିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ। ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ୍ୟ ବଢ଼ାଯାଏ। ପଣ୍ଡୁଓଷା ଏକ ନିଷ୍ଠାର ବ୍ରତ। ନାରୀଜାତି ବିଶେଷ କରି ମା'ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ।

## ପଠାଣି ସାମନ୍ତ



ଆଜିର ଦିନରେ ମହାମହୋପାଧ୍ୟୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ ଦିନ ପାଳନ କରାଯାଉଛି । ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଚନ୍ଦ୍ରଶେଖର ଖଣ୍ଡପଡାର ଏକ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ। ବହୁ ସନ୍ତାନ ନଷ୍ଟ ହୋଇଯିବା ପରେ ମାତାପିତା ଚନ୍ଦ୍ରଶେଖରଙ୍କର ଦୀର୍ଘାୟୀ ଓ ମଙ୍ଗଳ କାମନା କରିଥିଲେ। ପରେ ଖଣ୍ଡପଡା ନିକଟସ୍ଥା ଖୁଣ୍ଟୁପଡା ନିକଟସ୍ଥ ଖୁଣ୍ଟୁପଡା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେକରଙ୍କ ପ୍ରସାଦରୁ ଏହି ବାଳକ ଜନ୍ମ ଗ୍ରହଣ କରିଥିବାର ବିଶ୍ୱାସ କରି ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ। ଡାକ ନାମ ତାଙ୍କର ପଠାଣି ବି ଥିଲା । ପଠାଣିଙ୍କର ପୂରା ନାମ ହେଉଛି ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର। ଚନ୍ଦ୍ରଶେଖର ପିଲାବେଳୁ ଉଦାସୀନ, ମନଯୋଗୀ, ଏକାଗ୍ରଚିତ୍ତ, ଅଧ୍ୟବସାୟୀ ଓ ଉଦାରମନା ଥିଲେ। ବିଚିତ୍ରବର୍ଣ୍ଣ। ବ୍ରହ୍ମଣ୍ଡର ନାକ୍ଷତ୍ରିକ ଗତିବିଧି ପ୍ରତି ଆକୃଷ୍ଟ ହୋଇଥିଲେ ସେ। ଜ୍ୟୋତିଷବିଦ୍ୟା ଜାଣିବା ପାଇଁ ଆଗ୍ରହୀ ହୋଇ ଦଶବର୍ଷ ବୟସରେ ପଠାଣି ନିଜ ବାପାଙ୍କ ଠାରୁ କିଛରି ଜ୍ୟୋତିର୍ବିଜ୍ଞାନ ଶିଖିଥିଲେ। ସେତେବେଳେ ତାଙ୍କ ବାପା ଜଣେ ପ୍ରଧାନ ଗାଣିତିକ ଥିଲେ। ବାପାଙ୍କ ସହିତ ଗଣିତ ଜ୍ୟୋତିଷର ଆଲୋଚନା ମାଧ୍ୟମରେ ଶିକ୍ଷା ଲାଭ କରିଥିଲେ। ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ। ଦୁଇଟି ବାଉଁଶ ନଳ ସାହାଯ୍ୟରେ ଦୂର ପାହାଡକୁ ମାପି ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ କରିଥିଲେ। ପଠାଣୀ ସାମାନ୍ତ ୧୮୬୯ ରେ 'ସିଦ୍ଧାନ୍ତ ଦର୍ପଣ' ଲେଖିବା ଆରମ୍ଭ କରିଥିଲେ। ୧୮୯୨ ରେ ଏହି ଗ୍ରନ୍ଥ ରଚନା ଲେଖା ଶେଷ ହୋଇଥିଲା। ସିଦ୍ଧାନ୍ତ ଦର୍ପଣ ମୂଳତଃ ସଂସ୍କୃତ ଭାଷାରେ ଶ୍ଳୋକ ମାନଙ୍କରେ ରଚିତ, ଗ୍ରନ୍ଥଟିରେ ରହିଛି ଚବିଶଟି ପ୍ରକାଶ (ସର୍ଗ)। ଏହି ଗ୍ରନ୍ଥର ମୋଔଟ ଶ୍ଳୋକ ସଂଖ୍ୟା ୨୫୦୦। ଏଥିରେ ପାଟି ଗଣିତ, ବୀଜଗଣିତ, ସ୍ଥୁଳ ଓ ସୂକ୍ଷ୍ମଗ୍ରହ ଗଣନା, ପଜୟାଦିର ବାଖ୍ୟା, ନଦୀ ଓ ପାହାଡମାନଙ୍କର ଭୌଗଳିକ ମାସ ଓ ସ୍ଥିତି ଆଦି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି । ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣା ଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ରର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ ପଠାଣି ସାମନ୍ତ।

# ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ସିଂହ ସହିତ ବନ୍ଧୁତା



ସିଂହ, ବାଘ ଭଳି ହିଂସ୍ର ଜନ୍ତୁଙ୍କର ନାମ ଶୁଣିଲେ ସମସ୍ତଙ୍କ ମନରେ ଭୟ ଆସିଯାଏ । କିନ୍ତୁ ଜଣେ ଝିଅ ଅଛି ଯିଏ ସିଂହ ଓ ବାଘମାନଙ୍କ ଗହଣରେ ବିନା ଡରଭୟରେ ରହିଥାଏ । ହଁ, ଆଜ୍ଞା ନାମ୍ବିୟାର ବୁଶ ଗର୍ଲ ନାମରେ ପ୍ରସିଦ୍ଧ ମାର୍ଲିସି ଭାନଡେର ମେରୱେ ବିନା ଡରରେ ସିଂହ ଓ ବାଘ ପାଖକୁ ଯାଇଥାନ୍ତି । ସୋସିଆଲ ସାଇଡ଼ରେ ବି ଏହି ଝିଅର ସାହସିକତା ଭିଡ଼ିଓ ଭାଇରାଲ ହୋଇସାରିଲାଣି ଓ ସେ ଝିଅଟି ସେନ୍ ବୁସମେନ୍ ସମୁଦାୟ ପାଖରେ ରହୁଥିବା କାରଣରୁ ତାକୁ ବୁସ୍ ଗର୍ଲର ନାମ ଦିଆଯାଇଛି । କହି ରଖୁଛୁ ନାମ୍ବିୟାର ପ୍ରସିଦ୍ଧ ସଂରକ୍ଷଣବାଦୀ ଓ ଟିଭି କାର୍ଯ୍ୟକ୍ରମ ପ୍ରସ୍ତୁତକର୍ତ୍ତା ମର୍ଲିସି ଯିଏ ୩୦ବର୍ଷରୁ ଏହି ବନ୍ୟ ଜନ୍ତୁଙ୍କ ମଧ୍ୟରେ ରହିଆସୁଛନ୍ତି । କଥା କ'ଣ କି ନାମ୍ବିୟାର ଜାତୀୟ ଉଦ୍ୟାନରେ ବନ୍ୟଜନ୍ତୁଙ୍କ ମଧ୍ୟରେ ତାଙ୍କ ପିତାଙ୍କର ଫାର୍ମ ହାଉସ ଅଛି ଓ ସେଠି ୯ରୁ ଅଧିକ ଜଙ୍ଗଲୀ ଚିତା ଅଛନ୍ତି । ମର୍ଲିସି ଚିତାମାନଙ୍କୁ ଡରିବା ପରିବର୍ତ୍ତେ ଚିତାମାନେ ତାଙ୍କର ବୋଲମାନନ୍ତି । ମର୍ଲିସି ବିନା ଭୟରେ ତାଙ୍କର ମୋଟର ଗାଡ଼ି ଧରି ଚାଲିଯା'ନ୍ତି ଚିତାଙ୍କ ଗହଣକୁ। ଚିତା ଯେତେବେଳେ ଆକ୍ରମଣ କରିବା ପାଇଁ ଆସନ୍ତି ମର୍ଲିସିଙ୍କୁ ଦେଖି ଶାନ୍ତ ହୋଇଯା'ନ୍ତି ।

# ସୁସ୍ଥ ପରିବେଶ ପାଇଁ ଅଶ୍ୱଥଙ୍କ ଉଦ୍ୟମ

ପରିବେଶକୁ ସୁହାଇବା ଭଳି ପଦକ୍ଷେପ ନେବାର ଆଇନକାନୁନ୍ ବନିଯାଉଛି। କାଗଜରେ ନିର୍ଦ୍ଦେଶ ବି ଆସୁଛି। ହେଲେ ତୃଣମୂଳ ସ୍ତରରେ ପରିବର୍ତ୍ତନର ଧାରା ଆଦୌ ଆରମ୍ଭ ହେଉନାହିଁ। ତା'ର କାରଣ ହେଲା, ସେହି ଜିନିଷ ବଦଳରେ ପରିବେଶ ଉପଯୋଗୀ ଜିନିଷର ଚଳନ କରୁନାହାନ୍ତି କେହି। ଏ ଅଭାବକୁ ବୁଝି ଜଣେ ଯୁବକ ନିଜ ବ୍ୟକ୍ତିଗତ ପ୍ରୟାସରେ ପଲିଥିନ୍ ବ୍ୟାଗ୍ ବଦଳରେ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରି ନିଜ ସହରର କଲ୍ୟାଣ ଦିଗରେ ଦେଉଛନ୍ତି ବଡ଼ ଯୋଗଦାନ।...ବାଙ୍ଗାଲୋର ନଗରନିଗମ ପକ୍ଷରୁ ୨୦୧୨ରେ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ ହାନିକାରକ ହେତୁ ପଲିଥିନର ବ୍ୟବହାର ବନ୍ଦ କରାଯାଇଥିଲା। କିନ୍ତୁ ଲୋକମାନଙ୍କ ପାଇଁ କୌଣସି ବିକଳ୍ପର ସୁବିଧା କରାଯାଇନଥିଲା। ଯାହାକି ସାଧାରଣ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥିଲା। ଆଉ ନିଜ ସହରବାସୀଙ୍କ ଏହି ସମସ୍ୟା ଅଶ୍ୱଥଙ୍କ ଚିନ୍ତାର କାରଣ ପାଲଟିଥିଲା। ସେ ଏହାକୁ ଦୂର କରିବା ଯୋଜନାର ଅନୁସନ୍ଧାନରେ ଲାଗିଯାଇଥିଲେ। ପ୍ରାୟ ଚାରିବର୍ଷର ପ୍ରସ୍ତୁତି ଓ ପ୍ରୟାସ ପରେ ଅଶ୍ୱଥ ପ୍ରତିଷ୍ଠା କଲେ 'ଏନଭିଗ୍ରୀନ' ନାମରେ ଏକ କମ୍ପାନୀ। ଏହି କମ୍ପାନୀ ଲୋକମାନଙ୍କୁ ଯୋଗାଇଦେଉଛି ପରିବେଶ ଅନୁକୂଳ ବିଭିନ୍ନ ବ୍ୟାଗ। ପ୍ଲାଷ୍ଟିକ ବ୍ୟାଗ ପରି ଦେଖାଯାଉଥିବା ଏହି ବ୍ୟାଗ ଗୁଡିକର ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ। ବିନା କୌଣସି ରସାୟନିକ ସାମଗ୍ରୀର ବ୍ୟବହାରରେ କେବଳ ଆଳୁ, ପାଳୁଅ, କଦଳୀ, ତେଲ ଇତ୍ୟାଦି ୧୨ଟି ସାମଗ୍ରୀର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି ବ୍ୟାଗ। ପ୍ରଥମେ ଏହି କଞ୍ଚାମାଲ ଗୁଡିକୁ ଏକ ତରଳ ପଦାର୍ଥରେ ପରିଣତ କରାଯାଇ ପରକୁ ପର ୬ଟି ଧାରାରେ ଗତି କରାଯାଇ ଏହା ପ୍ରସ୍ତୁତ କରାଯାଏ। ଏହି ବ୍ୟାଗ ଗୁଡିକୁ ଗୋଟିଏ ଗ୍ଲାସ ଥଣ୍ଡା ପାଣିରେ ବୁଡାଇ ରଖିଲେ ଗୋଟିଏ ଦିନରେ ଏହା ମିଳାଇଯିବ ଏବଂ ଯଦି ଗରମ ପାଣିରେ ଏହାକୁ ରଖାଯାଏ ତେବେ ମାତ୍ର ୧୫ ସେକେଣ୍ଡରେ ଏହା ମିଳାଇଯିବ। ବ୍ୟବହାର ଅନୁପୋଯୋଗୀ ହେବା ପରେ ଏହାକୁ ଫୋପାଡି ଦେବା ପରେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଳାଇଯିବ। ସମ୍ପୂର୍ଣ୍ଣ ଭାବେ ଖାଦ୍ୟପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ କୌଣସି ପଶୁ ଖାଇଲେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେବ ନାହିଁ। କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଏହି ବ୍ୟାଗକୁ ନେଇ ଅନେକ ପରୀକ୍ଷଣ କରାଯାଇଛି। ଏହି ବ୍ୟାଗ ଗୁଡିକୁ ଜଳାଇବା ଦ୍ୱାରା ନା ଏହା ତରଳୁଛି, ନାହିଁ ଏଥିରୁ କୌଣସି ରାସାୟନିକ ପଦାର୍ଥ କ୍ଷରଣ ହେଉଛି। ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ୍ ପ୍ଲାଷ୍ଟିକ ଇନିୟରିଂ ଏବଂ ଶ୍ରୀରାମ ଇନଷ୍ଟିଚ୍ୟୁଟ ଫର୍ ଇଣ୍ଡଷ୍ଟ୍ରୀଆଲ୍ ରିସର୍ଚ୍ଚ ପକ୍ଷରୁ ମଧ୍ୟ ଏହାର ପରୀକ୍ଷଣ କରାଯାଇ ବ୍ୟବହାର ନିମନ୍ତେ ଅନୁମତି ଦିଆଯାଇଛି। ସମସ୍ତ କ୍ଷେତ୍ରରୁ ଅନୁମତି ପାଇବା ପରେ ଅଶ୍ୱଥ ନିଜ ଟିମ୍ ର ୬୦ଜଣ ସଦସ୍ୟଙ୍କ ସହ ମିଶି ବାଙ୍ଗାଲୋରଠାରେ ଏକ କାରଖାନା ପ୍ରତିଷ୍ଠା କରିଛନ୍ତି। ଏହି କାରଖାନାରୁ ପ୍ରତି ମାସରେ ପ୍ରାୟ ୧ହଜାର ମେଟ୍ରିକ ଟନ୍ ବ୍ୟାଗ୍ ପ୍ରସ୍ତୁତ କରାଯାଉଛି। ତାଙ୍କର ଏହି ପ୍ରୟାସ ଦ୍ୱାରା କର୍ଣ୍ଣାଟକ ଗ୍ରାମାଞ୍ଚଳର କୃଷକ ମାନେ ମଧ୍ୟ ଲାଭବାନ ହୋଇପାରୁଛନ୍ତି। କମ୍ପାନୀ ସେମାନଙ୍କ ଠାରୁ କଞ୍ଚାମାଲ କିଣିବା ସହ ସେମାନଙ୍କୁ କଞ୍ଚାମାଲ ଉତ୍ପାଦନ ପାଇଁ ବିହନ ଯୋଗାଇ ଦେଉଛି। ଭାରତର ସବୁ ସ୍ଥାନରେ ଏହି ବ୍ୟାଗ ଗୁଡିକ ବର୍ତ୍ତମାନ ପର୍ଯ୍ୟନ୍ତ ମିଳିପାରିନାହିଁ କିନ୍ତୁ ଅଶ୍ୱଥଙ୍କ କାର୍ଯ୍ୟସ୍ଥଳ କତରରେ ଏହା ଉପଲବ୍ଧ ହୋଇପାରୁଛି। ଅଶ୍ୱଥଙ୍କ କହିବାନୁଯାୟୀ, କେବଳ ବାଙ୍ଗାଲୋର ପରି ସହରରେ ପ୍ରତି ମାସରେ ପ୍ରାୟ ୩୦ହଜାର ମେଟ୍ରିକ ଟନ୍ ବ୍ୟାଗର ଆବଶ୍ୟକ ହୋଇଥାଏ। ତେଣୁ ସମସ୍ତ ସହରରେ ଏହାର ବ୍ୟବହାର ପାଇଁ ଅଧିକ କାରଖାନା ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଛୁ। ବର୍ତ୍ତମାନ ପର୍ଯ୍ୟନ୍ତ ରିଲାଏନ୍ସ ପରି କମ୍ପାନୀ ମାନଙ୍କୁ ବ୍ୟାଗ ଯୋଗାଇ ଦିଆଯାଇଛି। ଚଳିତ ଡିସେମ୍ବରଠାରୁ ସେମାନେ ଏହାର ବ୍ୟବହାର ଆରମ୍ଭ କରିଦେଇଛନ୍ତି। ପରିବେଶ ସୁରକ୍ଷା ଦିଗରେ ଅଶ୍ୱଥଙ୍କ ଏହି ପ୍ରୟାସକୁ ଅନେକ ପରିବେଶବିତ୍ ପ୍ରଶଂସା କରିଛନ୍ତି।



ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




ଭୁବନେଶ୍ୱର, ୨୦୨୫, ଅପ୍ରେଲ ୩

# ଭାରତର ବୈଦୁତିକ ଯାନ ଅଭିଯାନ


ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ବିଶ୍ୱ ତାପମାତ୍ରା ବୃଦ୍ଧି, ଜଳବାୟୁରେ ଦ୍ରୁତ ପରିବର୍ତନ ଏବଂ ବାୟୁ ପ୍ରଦୁଷଣ ଏବେ ମାନବ ସମାଜ ପାଇଁ ଚିନ୍ତାର କାରଣ ହୋଇଥିବାବେଳେ ବୈଦ୍ୟୁତିକ ଯାନବାହାନ (ଇଭି)ର ଚଳାଚଳ ପାଇଁ ବହୁବିଧ ସରକାରୀ ପ୍ରୋତ୍ସାହନ ନୂଆ ଆଶା ସଂଚାର କରିଛି । ଏହା କେବଳ ବାୟୁ ପ୍ରଦୁଷଣର ମାତ୍ରାକୁ ହ୍ରାସ କରିବ ନାହିଁ, ତାପମାତ୍ରା ବୃଦ୍ଧି ଏବଂ ଜଳବାୟୁ ପରିବର୍ତନ ଉପରେ ଅଙ୍କୁଶ ଲଗାଇବା ଆଶା କରାଯାଏ । ବୈଦ୍ୟୁତିକ ଯାନବାହାନର ବ୍ୟାଟେରୀ ଉତ୍ପାଦନ ପାଇଁ ୩୫ଟି ମୁଖ୍ୟ କଂଚାମାଲ ଏବଂ ମୋବାଇଲ ବ୍ୟାଟେରୀ ନିର୍ମାଣରେ ବ୍ୟବହୃତ ୨୮ଟି ସାମଗ୍ରୀ ଉପରୁ ଆମଦାନୀ ଶୁଳ୍କ ଛାଡ ପାଇଁ ଭାରତ ସରକାରଙ୍କ ନିଷ୍ପତି ନିଶ୍ଚିତ ଭାବରେ ଘରୋଇ ଉତ୍ପାଦନ, ବୈଷୟିକ ଜ୍ଞାନର ଉପଯୋଗ, ପ୍ରଦୁଷଣ ଏବଂ ଜଳବାୟୁ ପରିବର୍ତନକୁ ନିୟନ୍ତ୍ରଣ ଦିଗରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କୁହାଯାଇପାରିବ । ଉଲ୍ଲେଖଯୋଗ୍ୟ ଯେ, ୨୦୨୫-୨୬ ଆର୍ଥୀକ ବର୍ଷର କେନ୍ଦ୍ରୀୟ ବଜେଟ ପାର୍ଲିଆମେଂଟରେ ଉପସ୍ଥାପିତ କରିବା ଅବସରରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଇଭି ବ୍ୟାଟେରୀ ଉତ୍ପାଦନ ବୃଦ୍ଧି ନେଇ ପ୍ରସ୍ତାବ ଦେଇଥିଲେ । ଯାହାକି ପାର୍ଲିଆମେଂଟରେ ଗୃହିତ ୨୦୨୫ ଅର୍ଥ ବିଲରେ ଅନୁମୋଦିତ ହୋଇଛି । ଭାରତ ଏବେ ତାର ଷ୍ଟାଟେଜିକ ନୀତିରେ ପରିବର୍ତନ କରିଥିବା ଏହା ସ୍ପଷ୍ଟ ସଂକେତ ପ୍ରଦାନ କରେ । ଇତିମଧ୍ୟରେ ମାତ୍ର ୫ମିନିଟରେ ୫୦୦କିମି ଚଳାଚଳ କ୍ଷମତା ସମ୍ପନ୍ନ ବ୍ୟାଟେରୀ ରିଚାର୍ଜ ଦକ୍ଷତା ବା ବୈଷୟିକ କୌଶଳ ଚୀନର ଇଭି ଉତ୍ପାଦନକାରୀ କମ୍ପାନୀ ବିୱାଇଡି ଶୁଭାରମ୍ଭ କରିଛି । କହିବା ବାହୁଲ୍ୟ ଯେ, ବୈଦ୍ୟୁତିକ ଯାନବାହାନର ବ୍ୟାଟେରୀ ଏହାର ସବୁଠୁ ମୁଖ୍ୟାଂଶ ଭାବେ ପରିଚିତ । ଇଭିର ମୋଟ ମୂଲ୍ୟର ୪୦ ପ୍ରତିଶତ ହେଉଛି ବ୍ୟାଟେରୀ । ଉଲ୍ଲେଖଯୋଗ୍ୟ ଯେ, ବୈଦ୍ୟୁତିକି ଯାନର ଗ୍ରହଣୀୟତା ଏବଂ ଏହାର ବହୁଳ ବ୍ୟବହାର କେବଳ ବ୍ୟାଟେରୀ ଉପରେ ହିଁ ନିର୍ଭର କରେ । ଏହା ନିସନ୍ଦେହ ଯେ, ବ୍ୟାଟେରୀରେ ଅତ୍ୟଧିକ ମୂଲ୍ୟ ହିଁ ଜନସାଧାରଣ ବିମୁଖତାର ମୁଖ୍ୟ କାରଣ । ସ୍ୱଳ୍ପ ଆୟକାରୀ ବର୍ଗ ବ୍ୟାଟେରୀରେ ଅତ୍ୟଧିକ ମୂଲ୍ୟ ଯୋଗୁଁ ଇଭି ପ୍ରତି ମୁହଁ ଫେରାଇବାର ମୁଖ୍ୟକାରଣ । ଗୋଟିଏ ବ୍ୟାଟେରୀରେ ଗ୍ୟାରେଂଟି ସମୟ ପାଂଚ ବର୍ଷ ଥିବାବେଳେ ଆଉ ଗୋଟିଏ ବ୍ୟାଟେରୀ ପାଇଁ ଏକକାଳୀନ ହଜାର ହଜାର ଟଙ୍କା ବ୍ୟୟ କରିବାକୁ ହୋଇଥାଏ । ଅନ୍ୟପକ୍ଷରେ ପେଟ୍ରୋଲ, ଡିଜେଲ, ସିଏନଜି ଯାନ ବାହାନରେ ଅଧିକ ବ୍ୟୟଭାର ପଡୁଥିବା ସତ୍ୱେ ତାହା ଜଣାପଡେ ନାହିଁ । ଇଣ୍ଡିଜେନିୟସ ଟେକ୍ନୋଲୋଜିକାଲ ସାମର୍ଥ୍ୟ ଅଭାବ ବ୍ୟାଟେରୀ ଉତ୍ପାଦନ ଭାରତ ମୁଖ୍ୟ ପ୍ରତିବନ୍ଧକଙ୍କର କାରଣ । ବୈଦ୍ୟୁତିକ ଯାନବାହାନ ଏବଂ ବ୍ୟାଟେରୀ ଉତ୍ପାଦନ କ୍ଷେତ୍ରରେ ଚୀନ ସମଗ୍ର ବିଶ୍ୱରେ ପ୍ରାଧାନ୍ୟ ବିସ୍ତାର କରିଥିବା ଆନ୍ତର୍ଜାତିକ ଶକ୍ତି ସଂସ୍ଥା ପକ୍ଷରୁ କୁହାଯାଇଛି । କେବଳ ଚୀନରେ ୭୦ପ୍ରତିଶତ ବ୍ୟାଟେରୀ ଉତ୍ପାଦିତ ହେଉଥିବାବେଳେ ବିଶ୍ୱର ଅନ୍ୟ ରାଷ୍ଟ୍ରଗୁଡିକରେ ମାତ୍ର ୩୦ପ୍ରତିଶତ ବ୍ୟାଟେରୀ ଉତ୍ପାଦିତ ହେଉଥିବା କୁହାଯାଏ । ସ୍ୱଳ୍ପ ମୂଲ୍ୟ ଯୋଗୁଁ ଗତ ପାଂଚ ବର୍ଷ ହେଲା ଇଥିୟମ୍-ଆଇରନ-ଫସପେଟ୍ (ଏଲଏଫଏଫ) ବ୍ୟାଟେରୀ ସମଗ୍ର ବିଶ୍ୱରେ ଏବେ ଷ୍ଟାଣ୍ଡାଡ୍ ବ୍ୟାଟେରୀ ଭାବେ ଆଦୃତ ହୋଇଥିବା ଜଣାଯାଏ । ଅନ୍ୟପକ୍ଷରେ ଚାରିଚକିଆ ଇଭି କାର ୨୦୨୪ରେ ପଞ୍ଜୀକରଣ ଚୀନରେ ୪୫ପ୍ରତିଶତ ହୋଇଥିବା ଭାରତରେ ମାତ୍ର ୨ପ୍ରତିଶତ ହୋଇଥିଲା । କିନ୍ତୁ ଗତବର୍ଷ ଭାରତରେ ୧.୧୪ ମିଲିଅନ ଦୁଇ ଚକିଆ ଇଭି ଯାନ ବିକ୍ରୀ ହୋଇଥିଲା । ଯାହାକି ମୋଟ ଇଭି ଯାନ ବିକ୍ରୀର ୬୦ପ୍ରତିଶତ । ଭାରତର ଇଭି କଂଚାମାଲ ଆମଦାନୀ ଉପରୁ ଶୁଳ୍କ ଛାଡ ଏହାର ବ୍ୟାଟେରୀ ଉତ୍ପାଦନ ବୃଦ୍ଧି ପାଇଁ ମୁଖ୍ୟ ଲକ୍ଷ୍ୟ ଥିବା ସତ୍ୱେ ଯୁକ୍ତରାଷ୍ଟ୍ର ଆମେରିକାର ପ୍ରତିଶୋଧ ପରାୟଣ ଶୁଳ୍କକୁ ଏଡାଇବା ଏବଂ ଦ୍ୱିପାକ୍ଷିକ ସମ୍ପର୍କକୁ ଦୃଢିଭୂତ ଉଦ୍ଦିଷ୍ଟ ବୋଲି କୁହାଯାଇପାରେ । କିନ୍ତୁ ଏହା ନିସନ୍ଦେହ ଯେ, ଭାରତରେ ଇଭି ଏବଂ ମୋବାଇଲ ବ୍ୟାଟେରୀ ଉତ୍ପାଦନ ଇଭି ପ୍ରତି ଜନସାଧାରଣଙ୍କ କେବଳ ଚାହିଦା ବଢାଇବ ନାହିଁ, ଚୀନ ସହିତ ପ୍ରତିଯୋଗିତା କରାଇବାରେ ସହାୟକ ହୋଇପାରିବ ବୋଲି କୁହାଯାଇପାରେ ।

ସମ୍ମାନ ଭବନ,
*ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,*
*ରୋଡ ନଂ-୩, ଶିଶୁପାଳଗଡ*

# ମାନେକଶା.... ଭାରତର ପ୍ରଥମ ଫିଲଡ୍ ମାର୍ସଲ


ଡକ୍ଟର ତପନ କୁମାର ପାଳ

ଅଦ୍ୟାବଧି ମାତ୍ର ଦୁଇ ଜଣ ଭାରତୀୟ ସେନା ବିଭାଗୀୟ ଉଚ୍ଚ ପଦାଧିକାରୀ ଫିଲଡ୍ ମାର୍ସଲ ପଦବୀକୁ ଉନ୍ନୀତ ହୋଇଥିବା ଜଣାଯାଏ । ସେମାନେ ହେଉଛନ୍ତି ସାମ ହୋମୂସଜୀ ଫ୍ରେମଜୀ ଜାମଶେଦଜୀ ମାନେକଶା ଓ କୋଡ଼ଣ୍ଡେରା ମଡ଼ପ୍ପା କରିଅପ୍ପା । ମାନେକଶା ଭାରତର ପ୍ରଥମ ଫିଲଡ୍ ମାର୍ସଲ । କରିଅପ୍ପା ବୟୋଜ୍ୟେଷ୍ଠ ହୋଇଥିଲେ ହେଁ ଅବସର ଗ୍ରହଣର ପ୍ରାୟ ତିରିଶ ବର୍ଷ ପରେ (୧୯୮୬)ରେ ଫିଲଡ୍ ମାର୍ସଲ ଉପାଧି ପାଇଥିଲେ । ଫିଲଡ୍ ମାର୍ସଲ ମାନେକଶା ସାମ ବାହାଦୂର ଭାବେ ମଧ୍ୟ ଜଣାଶୁଣା । ନିଜର ଚାରି ଦଶନ୍ଧିର ସୈନିକ ଜୀବନରେ ଫିଲଡ୍ ମାର୍ସଲ ମାନେକଶା ପାଞ୍ଚଟି ଯୁଦ୍ଧ ଲଢ଼ିଥିଲେ । ବ୍ରିଟିଶ ଇଣ୍ଡିଆନ୍ ଆର୍ମି ପକ୍ଷରୁ ସେ ଦ୍ୱିତୀୟ ବିଶ୍ୱ ଯୁଦ୍ଧ ଲଢ଼ିଥିଲେ । ୧୯୬୯ରେ ସେ ଭାରତର ଅଷ୍ଟମ ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ ଭାବେ ନିଯୁକ୍ତି ପାଇଥିଲେ ଏବଂ ତାଙ୍କ ନେତୃତ୍ୱରେ ୧୯୭୧ରେ ଭାରତ, ପାକିସ୍ତାନ ଉପରେ ବିଜୟ ହାସଲ କରିଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ବର୍ମାରେ ଜାପାନୀ ସେନା ସହ ଲଢୁଥିବା ବେଳେ ତାଙ୍କ ପେଟରେ ମେସିନ୍ ଗନ୍‌ର ଗୁଳି ବାଜିଥିଲା ଏବଂ ସେ ଗୁରୁତର ଭାବେ ଆହତ ହୋଇଥିଲେ । ବ୍ରିଟିସ ସେନା ପକ୍ଷରୁ ଯୁଦ୍ଧ ପରିଚାଳନା କରୁଥିଲେ ମେଜର୍ ଜେନେରାଲ ଡିଟି କୋୱାନ୍ । ମାନେକଶାଙ୍କ ଅବସ୍ଥା ଓ ତାଙ୍କ ଦମ୍ଭ ଦେଖି ସେ ସଙ୍ଗେ ସଙ୍ଗେ ରଣାଙ୍ଗନରେ ହିଁ ତାଙ୍କୁ ମିଲିଟାରୀ କ୍ରସ ପ୍ରଦାନ କରି କହିଥିଲେ ମୃତ ସୈନିକକୁ ଏହା ଦିଆଯାଏ ନାହିଁ । ନିଅ, ଜୀବନ ଥାଉ ଥାଉ ଗ୍ରହଣ କର । ହେଲେ ସେ ବର୍ତ୍ତି ଯାଇଥିଲେ । ତାଙ୍କ ବ୍ୟକ୍ତିଗତ ପରିଚାରକ ଶେର ସିଂହ ଗୋଳା ବର୍ଷକୁ ଖାତିର ନକରି, ତାଙ୍କୁ ରେଙ୍ଗୁନସ୍ଥିତ ସେନା ହସ୍‌ପିଟାଲରେ ପହଞ୍ଚାଇଥିଲେ । ସେଠାରେ ଡାକ୍ତରମାନେ ମାନେକଶାଙ୍କ ପେଟ, ଫୁସ୍‌ଫୁସ୍, ବୃକକ୍ ଆଦିରୁ ସାତଟି ଗୁଳି ବାହାର କରିଥିଲେ । ଅସ୍ତ୍ରୋପଚାର ବେଳେ କ'ଣ ହୋଇଛି ପଚାରିବାରୁ ସେ କହିଥିଲେ ଗଧଟିଏ ନାତ ମାରିଦେଇଛି । ଫିଲଡ୍ ମାର୍ସଲ ମାନେକଶା ଥିଲେ ଗୁଜୁରାଟ ଅନ୍ତର୍ଗତ ବଲ ସହରର ମୂଳ ବାସିନ୍ଦା । ତାଙ୍କ ପିତା ଥିଲେ ଜଣେ ପାରସୀ ଡାକ୍ତର । ସେ ପଞ୍ଜାବର ଅମୃତସରରେ କାମ କରୁଥିଲେ । ଫିଲଡ୍ ମାର୍ସଲ ମାନେକଶା ପ୍ରଥମେ ପିତାଙ୍କ ପରି ଡାକ୍ତର ହେବାକୁ ଚାହୁଁଥିଲେ । ହେଲେ ଲଣ୍ଡନରେ ଡାକ୍ତରୀ ପଢ଼ିବା ପାଇଁ ପିତା ଅନୁମତି ନ ଦେବାରୁ କାହାକୁ କିଛି ନକହି ଦେହରାଦୂନର ଇଣ୍ଡିଆନ୍ ମିଲିଟାରୀ ଏକାଡ୍ରେମୀରେ ଭର୍ତ୍ତି ହୋଇଥିଲେ । ଭାରତୀୟ ସେନାର ଅପୂର୍ବ ବୀରତ୍ୱ ଗାଥାର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ମାନେକଶା । ତାଙ୍କ ଜୀବନ କାଳ ଭିତରେ ପ୍ରତିକୂଳତା ସହ ଲଢ଼େଇ କରି ଭାରତ ବିଜୟର ଜୟଯାତ୍ରାକୁ ସେ ଯେଉଁ ସ୍ଥାନକୁ ନେଇଛନ୍ତି ତାହା ବର୍ତ୍ତମାନର ସମୟରେ ଚିନ୍ତାର ବାହାରେ । ସୀମାନ୍ତ କ୍ଷେତ୍ର ଠାରୁ ହିମ ବରଫ କ୍ଷେତ୍ର ବା ମରୁ ଅଞ୍ଚଳ ସବୁଠାରେ ସେନାବାହିନୀର ପରାକ୍ରମର ଯେଉଁ କାହାଣୀ ଗାଥା ଜଡ଼ିତ ସେ ସବୁ ପଛରେ ସ୍ମରଣୀୟ ସ୍ମୃତି କିନ୍ତୁ ସମସ୍ତଙ୍କର ରହିଛି ପ୍ରାତଃ ବନ୍ଦନୀୟ ମାନେକଶାଙ୍କ ପାଖରେ । ଆମ ଭାରତର ସେନାବାହିନୀର ବିଭିନ୍ନ କମାଣ୍ଡ କ୍ଷେତ୍ରର ଯୁଦ୍ଧ ସ୍ମାରକୀ, ଜାତୀୟ ସଂଗ୍ରାହାଳୟ ଓ ପ୍ରତିରକ୍ଷା ସଂଗ୍ରହାଳୟରେ ମାନେକଶାଙ୍କ ସ୍ମୃତି ଓ ତାଙ୍କ ବ୍ୟବହୃତ ସେନା ସରଞ୍ଜାମ ପ୍ରଦର୍ଶିତ ହେଉଛି । ଭାରତୀୟ ସେନାବାହିନୀ ପକ୍ଷରୁ ତାଙ୍କ ବୀରତ୍ୱ ଗାଥାକୁ ନେଇ ପ୍ରାମାଣିକ ଚିତ୍ର ବି ପ୍ରସ୍ତୁତ ହୋଇଛି । ୧୯୧୪ ଏପ୍ରିଲ ୩ ତାରିଖ ଦିନରେ ଅମୃତସରରେ ସେ ଜନ୍ମ ହୋଇଥିଲେ ।

*ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ,*
*ଦୂରଭାଷ : ୯୯୩୭୬୫୮୩୬୨*

# ପିଲାଙ୍କ ପାଠପଢ଼ାରେ ମା' ବାପାଙ୍କ ଭୂମିକା


ଡକ୍ଟର ସୁରେଶ କୁମାର ନାୟକ

ଆଜିକାଲି ପ୍ରତ୍ୟେକ ଅଭିଭାବକ ସେମାନଙ୍କ ସନ୍ତାନଙ୍କ ଭବିଷ୍ୟତ ନେଇ ଚିନ୍ତିତ । ତେଣୁ ସ୍କୁଲରେ ପିଲାର ପାଠପଢ଼ା ଆରମ୍ଭ ନ ହେଉଣୁ ତାକୁ ଘରୋଇ ଟିଉସନ୍ ପଠାଇବା ସହିତ, କଅଁଳ ବୟସରୁ ସେମାନଙ୍କ ଉପରେ ପାଠପଢ଼ିବା ପାଇଁ ଚାପ ପ୍ରୟୋଗ କରିଥାନ୍ତି । ଯାହାଫଳରେ ସେମାନେ ପାଠ ପ୍ରତି ବିତସ୍ପୃହ ହୋଇ ପଡ଼ନ୍ତି । ତେଣୁ ପାଠକୁ ନେଇ ସେମାନଙ୍କ ଉପରେ ଅଧିକ ଚାପ ପ୍ରୟୋଗ କରିବା ଉଚିତ ନୁହେଁ । ସେମାନଙ୍କ ଉପରେ ବିରକ୍ତ ହେବା ଠିକ୍ ନୁହେଁ । ମାନସିକ ଚାପ ମଧ୍ୟରେ ମଣିଷ କୌଣସି କାମକୁ ସୂଚାରୁ ରୂପେ ପରିଚାଳନା କରିପାରେ ନାହିଁ । ପିଲାମାନେ କିପରି ଚାପ ମଧ୍ୟରେ ପାଠ ପଢ଼ି ପାରିବେ । ଯଦି ପ୍ରଥମରୁ ସେମାନଙ୍କ ପାଠ ପ୍ରତି ଦୃଷ୍ଟି ଦିଆଯାଏ ଓ କେତେକ ଦଗ ପ୍ରତି ଯତ୍ନ ଦିଆଯାଏ ତେବେ ସେମାନଙ୍କୁ ସବୁ ସମୟରେ ବହି ପାଖରେ ବସିବାକୁ ହୁଏ ନାହିଁ ।

ପିଲା ସ୍କୁଲରରେ ପ୍ରତ୍ୟହ କ'ଣ ପଢ଼ିଛି ସଂଧ୍ୟାରେ ଅଭିଭାବକ ତାର ନିକଟରେ ବସି ତାଠୁଁ ବୁଝିବା ଦରକାର । ସଂଧ୍ୟାରେ ଦେଢ଼ରୁ ଦୁଇ ଘଣ୍ଟା ପିଲାକୁ ପଢ଼ିବାକୁ ବସାଇବା ଦରକାର । ପ୍ରତ୍ୟେହ ଯାହା ସ୍କୁଲରେ ପଢ଼ା ହୋଇଛି ଘରେ ତାହାର ପୁନଃ ଆଲୋଚନା ବା ଅଧ୍ୟୟନ ପରେ ସେ ଏହାକୁ ସହଜରେ ମନେରଖି ପାରିବ । ଯଦି ସ୍କୁଲରେ କୌଣସି ସନ୍ଦେହ ଥିବ ଘରେ ତାହା ଦୂର ହୋଇପାରିବ । ଯଦି ଅଭିଭାବକ ପଢ଼ାଇ ପାରନ୍ତି ନାହିଁ ତାହାକୁ ପୁନଃ ସ୍କୁଲ ଶିକ୍ଷକଙ୍କୁ ପଚାରିବାକୁ ବୁଝାଇବା ଉଚିତ । କୌଣସି ବିଷୟକୁ ଘୋଷିବା ଅପେକ୍ଷା ଏହାକୁ ପିଲା ବୁଝିପାରିଲେ ତାହା ତାର ମସ୍ତିଷ୍କରେ ଘର କରି ରହିଯାଏ । ପରୀକ୍ଷାକୁ ଶିଶୁର ବୌଦ୍ଧିକ ବିକାଶର ମାନଦଣ୍ଡ ବୋଲି ଭାବିବା ଅନୁଚିତ ଏବଂ ଏଥିପାଇଁ ତାର ଉପରେ ଚାପ ପ୍ରୟୋଗ କରିବା ଅନୁଚିତ । ଏହାଦ୍ୱାରା ସେ ଆପଣଙ୍କ ଆଶାପୂରଣ କରିବାକୁ ଯାଇ ବହୁ କ୍ଷତିଗ୍ରସ୍ତ ହେବ । ପିଲା ଗୋଟିଏ ବିଷୟ ପଢ଼ି ସଂଗେ ସଂଗେ ତାର ଉତ୍ତର ଦେଇଥାଏ । କିନ୍ତୁ କିଛି ଦିନ ପରେ ସେ ସବୁ ପାଶୋରି ଯାଇଥାଏ । ତେଣୁ ଯେଉଁ ପାଠ ଆଜି ପଢ଼ିବ ତାର କିଛିଦିନ ପରେ ତା ଉପରେ ପ୍ରଶ୍ନ କରିପାରନ୍ତି । ଏପରି ହେବା ଦ୍ୱାରା ସେହି ବିଷୟ ପୁଣି ତା ମନକୁ ଆସେ ଓ ସେ ସମ୍ପୂର୍ଣ୍ଣ ଭାବେ ମନେ ରଖିପାରେ । ପରୀକ୍ଷା ପ୍ରସ୍ତୁତି ସମୟରେ ସବୁଦିନ ପିଲାମାନଙ୍କ ପାଇଁ କୌଣସି ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନିର୍ଦ୍ଧାରଣ କରିବା ଦରକାର । ପ୍ରତିଦିନ ପାଇଁ ରୁଟିନ ପ୍ରସ୍ତୁତ କରିବା ଦରକାର । ପିଲା ଏହାକୁ କେତେ ଦୂର ପୂରଣ କରୁଛି ତାହା ଉପରେ ମଧ୍ୟ ଲକ୍ଷ୍ୟ ରଖିବା ଦରକାର ।ଅନେକ ପିଲା ଦଳଗତ ଭାବେ ପଢ଼ିବାକୁ ପସନ୍ଦ କରିଥାନ୍ତି । ଏହାଦ୍ୱାରା ସେମାନଙ୍କ ମଧ୍ୟରେ ସେହି ବିଷୟକୁ ନେଇ ଆଲୋଚନା ହୁଏ । ଯାହା ସେମାନଙ୍କୁ ବୁଝିବାକୁ ସହଜ ହୁଏ ।

ତେବେ ଦଳଗତ ପଢ଼ିବା ସମୟରେ ଅଭିଭାବକଙ୍କୁ ଦେଖିବା ଦରକାର ସେମାନଙ୍କ ପିଲାର ପାଠସାଥୀର ଜ୍ଞାନ କେତେ । ଯଦି ସେ ମେଧାବୀ ହୋଇନଥିବ ତେବେ ଆପଣଙ୍କ ପିଲାର ସ୍ତର କମିଯାଇପାରେ । ପଢ଼ିବା ସମୟରେ ପିଲା ଯେପରି ଗପସପ ନକରେ ସେଥିପ୍ରତି ବିଶେଷ ଧ୍ୟାନ ଦେବା ଦରକାର । ପାଠପଢ଼ା ବ୍ୟତୀତ ପିଲାର ଅନ୍ୟାନ୍ୟ ଦିଗରେ ବୌଦ୍ଧିକ ବିକାଶ ହେବା ଦରକାର । ତେଣୁ ଏଥିପାଇଁ ପ୍ରତିଦିନ କିଛି ସମୟ ଖେଳକୁଦ ପାଇଁ ସୁଯୋଗ ଦେବା ଦରକାର । ଫଳରେ ସେ ଅନୁଭବ କରିବ । କିଛି ସମୟ ଟିଭି ଦେଖିବାକୁ ଦେବା ଦରକାର । ତେବେ ସେହି କାର୍ଯ୍ୟକ୍ରମ ଶିଶୁ ସମ୍ବନ୍ଧିତ ହୋଇଥିବା ଦରକାର ବା ସେଥିରୁ କିଛି ଭଲ ଶିକ୍ଷା ମିଳିପାରୁଥିବା ଦରକାର । ଟିଭିରେ ବିଭିନ୍ନ ଧାର୍ମିକ ଧାରାବାହିକ ଦେଉଛି । ଏହାକୁ ପିଲା ଦେଖିଲେ ଭଲ କଥା ଶିଖିବା ସହ ନିଜ ସଂସ୍କୃତି ବିଷୟରେ ଜାଣିବାକୁ ପାଇବ । ପିଲାଟିକୁ ଶାରୀରିକ, ମାନସିକ ଓ ବୌଦ୍ଧିକ କ୍ଷେତ୍ରରେ ଆପଣ ତାର ମାର୍ଗ ଦର୍ଶକ ଓ ପ୍ରେରଣାଦାତା ହେବା ସହିତ ଜଣେ ଭଲ ବନ୍ଧୁ ହୁଅନ୍ତୁ । ପିଲାମାନଙ୍କ ସହିତ ଖୋଲା ହୃଦୟର କଥା ହୋଇ ସେମାନଙ୍କୁ ସମାଜର ଉତ୍ତମ ରାସ୍ତାରେ ଚାଲିବା ପାଇଁ ପଥ ପ୍ରଦର୍ଶନ ଏକ ଜୀବନ ସଂସ୍କାର କହିଲେ ଅତ୍ୟୁକ୍ତି ହେବନାହିଁ ।

ଏହି ମର୍ମରେ ମନେପଡୁଛି କାନ୍ତ କବି ଲକ୍ଷ୍ମୀକାନ୍ତଙ୍କ ସେହି ସ୍ମରଣୀୟ ଧାଡ଼ି – 'ଶିଶୁ ବୋଲି ଦୁଇ ଅକ୍ଷର, ଅଟେ ସଂସାରେ ସାର । ପିତାମାତାଙ୍କର ଗଳାରେ, ସେହି କୁସୁମ ହାର । ଶିଶୁଟି ଆହା କି ସୁନ୍ଦର, ମଣି ରଙ୍କ ରତନ, ଅଞ୍ଚଳରେ ବାନ୍ଧି ରଖିବ, କରି ଅତି ଯତନ । ପାଟ, ମଠା, ସୁନା ଗହଣା ଆଦି କି ଅବା ଛାର । ଶିଶୁଟିଏ ନାହିଁ ଯା କୋଳେ ତାର ଘର ଅନ୍ଧାର । ସମ୍ପି ଦେଇଛନ୍ତି ଠାକୁରେ ଯାହା ହାତେ ସେ ଧନ, ପାପ ହେବ, ତାକୁ ସେ ଯେବେ ନ କରଇ ଯତନ । ଆପେ ହୋଇଥିଲେ ତୁମେ ଗୋ ଦିନେ ଶେଯ ପିଲାଟି, ହାତ ଗୋଡ଼ ଚଳୁ ନଥିଲା ଫିଟୁ ନଥିଲା ପାଟି । ସେ କାଳେ ତୁମ୍ଭର ଜନନୀ ସ୍ନେହେ ଥିବାରୁ ପାଳି, ଆଜି ସିନା ଜୀଇଁ ରହିଛି, ସୁଖେ ବୁଲୁଛ ଖେଳି । ସେ କଥାକୁ ମନେ ହେଜି ଗୋ ଶିଶୁ ପାଳନ କର । ପାଳିବାର ବିଧିବିଧାନମାନ ହୃଦରେ ଧର ।'

*ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ,*
*ସେକ୍ଟର-୯, ସିଡିଏ, କଟକ*

# ବନ୍ଦୀ ଶୈଶବ ଓ ଅସହାୟ ବାର୍ଦ୍ଧକ୍ୟ


ଭାସ୍କର ବାରିକ୍

ସମୟ ପାଖାପାଖି ଅପରାହ୍ନ ପାଞ୍ଚଟା ତିରିଶ ହେବ । ଛୋଟ ଛୋଟ ପିଲା ଦୁଇଜଣ ରାସ୍ତା କଡ଼ରେ ଖୁସିରେ ଖେଳୁଛନ୍ତି । ହସୁଛନ୍ତି ମନଖୋଲା ହସ । ଫୁଙ୍ଗୁଳା ଦେହ, ପିନ୍ଧିଛନ୍ତି କେବଳ ଗୋଟିଏ ଗୋଟିଏ ଚିରାଫଟା ପ୍ୟାଣ୍ଟ୍ । ବୋଧହୁଏ ପାଖ ବସ୍ତିରେ ରୁହନ୍ତି । ପିଲାମାନଙ୍କର ଖେଳ କୌତୁକର ନିଆରା ମଜା କିଛି ଦୂରରେ ଠିଆ ହୋଇ ନିର୍ନିମେଷ ନୟନରେ ଦେଖୁଥାନ୍ତି ଜଣେ ଖୁବ୍ ବୟସ୍କ ବ୍ୟକ୍ତି । ବୋଧହୁଏ ମନେ ପକାଉଛନ୍ତି ନିଜର ଅତୀତର ସୁବର୍ଣ ପିଲାଦିନ ଅବା କିଛି ହଜିଲା ଅତୀତ । ପାଖ ପାନ ଦୋକାନରେ ଠିଆହୋଇ ମୁଁ ବି ଦେଖୁଥିଲି ପିଲା ଦୁଇଜଣଙ୍କର ଖେଳ ଓ ଲକ୍ଷ କରୁଥିଲି ମଉସାଙ୍କ ହାବଭାବକୁ ।କାହିଁକି କେଜାଣି ଇଛା ହେଲା ସେହି ମଉସାଙ୍କ ସହିତ କଥା ହେବା ପାଇଁ । ପାନ ଦୋକାନରୁ ବାହାରି ଆସି ଠିଆ ହେଲି ମଉସାଙ୍କ ପାଖରେ । କ'ଣ କଥା ହେବି ଭାବୁଛି , ମୋତେ ପାଖରେ ଦେଖି ହଠାତ୍ ମଉସାଙ୍କ ମୁହଁରୁ ଶୁଣିଲି,ଦେଖୁଛ ପୁଅ ପିଲାମାନେ କେତେ ଖୁସିରେ ଖେଳୁଛନ୍ତି । ଏମିତି ଖୁସି ଆଉଥରେ ଫେରି ଆସନ୍ତାନି ଜୀବନରେ । ଏ ପିଲା ଦୁଇଜଣଙ୍କର ଖେଳ ଦେଖି ମୋର ପିଲାଦିନର କଥା ଓ ନିଜର ନାତି ନାତୁଣୀଙ୍କ କଥା ମନେ ପଡିଗଲା । ସେଇଥିପାଇଁ ଟିକେ ଠିଆ ହେଇଥିଲି । ବୁଝିଲ ପୁଅ,ଆମ ପିଲାଦିନେ ଆମେ କେତେ ପ୍ରକାର ଖେଳ ଖେଳୁଥିଲୁ । ଆଜିକାଲିର ପିଲାଙ୍କ ପରି ଆମ ପିଲାଦିନ ନଥିଲା । ମୁକ୍ତ ବିହଙ୍ଗଟେ ପରି ଆମେ ଖୋଲା ଆକାଶରେ ଉଡି ବୁଲୁଥିଲୁ । କିନ୍ତୁ ଜୀବନର ଶେଷଭାଗରେ ଆଜି ଅନୁଭବ କରୁଛି ଆଜିର ସୁବିଧାବାଦୀ ସ୍ୱାର୍ଥପର ଦୁନିଆଁରେ ପିଲାମାନେ କେମିତି ଶୈଶବରୁ ଶିକୁଳିରେ ବନ୍ଧା ହେଇ ଯାଉଛନ୍ତି ।ଅଢେଇରୁ ତିନି ବର୍ଷ ହେଇଗଲେ, ଯାଉଛନ୍ତି ବିଦ୍ୟାଳୟକୁ କାନ୍ଧରେ ବ୍ୟାଗ୍ ଧରି । ପୁରା ଶଗଡ଼ ଗୁଳାରେ ଚାଲୁଛି ଜୀବନ । ବହିରେ ଯାହା ଲେଖା ଯାଇଛି ସେତିକି । ଶୁଆଟିଏ ଭଳି ଘୋଷି ଦିଅ, ପରୀକ୍ଷାରେ ପୁରା ଶହେରୁ ଶହେ ନମ୍ବର ଆଣ । ପିଲାମାନେ କେତେ ଖୁସି ସେକଥା ଛାଡ଼, ବାପାମାଆ ପୁରା କୃତ୍ୟ କୃତ୍ୟ ଖୁସିରେ । ଆମ ଛୁଆ ଅତ୍ୟନ୍ତ ମେଧାବୀ । ପାଖ ଘର ପିଲାଟି ଯଦି କମ୍ ନମ୍ବର ରଖିଲା, ତାହେଲେ ଆରମ୍ଭ ହେଲା ତା ଉପରେ ମାନସିକ ଅତ୍ୟାଚାର । ପୁରୁଣା କାଳିଆ ଶାଶୁ ଟିକେ ଟିକେ କଥାରେ ବହୁକୁ ଖୁଣ୍ଟା ଦେଲା ଭଳି କଥା । ତୁ କ'ଣ ବୁଝି ପାରୁନୁ । ଆଜିକାଲି ଯୁଗ ଯାହା ହେଲାଣି, ପାଠ ନପଢିଲେ ମଣିଷ ହେବୁ କେମିତି । ଅମୁକ ବାବୁଙ୍କ ପୁଅ କେମିତି ପଢୁଛି । ସେ ତ ତୋରି ଭଳିଆ ପିଲା । ସେ ଶ୍ରେଣୀରେ ପ୍ରଥମ ହେଉଛି ଆଉ ତୁ ? ଏମିତି କେତେ କ'ଣ । କେହି ବୁଝୁ ନାହାଁନ୍ତି ପିଲାଟିର ମାନସିକ ଅବସ୍ଥା ଓ ସ୍ଥିତି ବିଷୟରେ ।ଅପରିପକ୍ୱ ସରଳ ବୟସରେ ଅସମ୍ଭବ ଅସହ୍ୟ ଚ଼ାପ ।ପାଠପଢା ପାଇଁ ବିଦ୍ୟାଳୟ ପରେ ଟିୟୁସନ୍ ପରେ ଟିୟୁସନ୍ । ପୁଣି ନାଚ଼, ଗୀତ,ବାଜା ଇତ୍ୟାଦିରେ ପାରଙ୍ଗମ ହେବା ପାଇଁ ଧାଁ ଧପଡ । କେମିତି ଶ୍ରେଣୀରେ ପ୍ରଥମ ହେବେ, ଅଧିକରୁ ଅଧିକ ନମ୍ବର ରଖିବେ, ସେଥିପାଇଁ ବାପାମାଆଙ୍କର କେତେ ଚ଼ିନ୍ତା । ଆଜିକାଲି ପିଲାଙ୍କ ଭାଗ୍ୟରେ ଶୈଶବକୁ ମନଭରି ଉପଭୋଗ କରିବାର ସୁଯୋଗ ନାହିଁ ।ବ୍ରଏଲର କୁକୁଡା ଭଳି ବଢୁଛନ୍ତି । ବାହାରକୁ ଧୋବ ଫରଫର କିନ୍ତୁ ଭିତରେ ଫମ୍ପା । ନୈତିକତା ଓ ମୂଲ୍ୟବୋଧର ଅଭାବ ।ପିଲାର ଇଚ୍ଛା ଅନିଚ଼୍ଛା ପ୍ରତି କାହାର ନିଘା ନାହିଁ । ଜେଜେବାପା ଜେଜେ ମାଆର ସ୍ନେହ ମମତା ଓ କାହାଣୀ ପେଡିରୁ ଅଧିକାଂଶ ପିଲା ବଂଚ଼ିତ । ବୁଢୀ ଅସୁରୁଣୀ ଗପ,ରାଜା ରାଣୀ କାହାଣୀ , ବଉଳା ଗାଈ ଓ ବାଘର କାହାଣୀ ଭିତରେ ଥିବା ନୈତିକତା ,ଦାନବୀର ରାଜା ହରିଶ୍ଚନ୍ଦ୍ର ଓ ନଳ ରାଜାଙ୍କ ଦାନ ଓ ବଦାନ୍ୟତା,ବୀର ଅର୍ଜୁନ, କର୍ଣ୍ଣଙ୍କ ପରି ଯୋଦ୍ଧାଙ୍କର ବୀରତ୍ୱର ଗାଥା ଶୁଣିବାର ସୌଭାଗ୍ୟ ନାହିଁ ଆଜିର ପିଲାଙ୍କ ପାଖରେ ।ନିଜର ପ୍ରଥା ପରମ୍ପରା ସଂସ୍କୃତି ପର୍ବ ପର୍ବାଣୀ ବିଷୟରେ ପିଲା କିଛି ଜାଣୁନି । ପାଲା, ଦାସକାଠିଆ,ଚ଼ଢେଆ ଚ଼ଢେଆଣି ନାଚ଼, କଣ୍ଢେଇ ନାଚ଼ ପିଲା ପାଇଁ ସ୍ୱପ୍ନ । ନୈତିକତାର ଶିକ୍ଷା ନାହିଁ । ପିଲା ଭଲ ମଣିଷ ହେବ କେମିତି ?ସଜ ପିଜୁଳି, ଜାମୁକୋଳି, ବରକୋଳି, କାନକୋଳି,ତାଳସଜ ଇତ୍ୟାଦି ଆମ ପିଲାଦିନେ କେତେ ମଜାରେ ଆମେ ଖାଉଥିଲୁ କେତେ ସାଙ୍ଗ ମିଶି ନିଜ ବାଡିରୁ ତଥା ପଡିଶା ଘରର ବାଡିରୁ । ଏ ଖୁସି ଆଉ ନାହିଁ । ନଟୁ ଖେଳ,ବାଟି ଖେଳ,ଗଛ ବାଗୁଡି, କବାଡି,ଗୋଟି ଡାବୁଲ ଆହୁରି କେତେ କ'ଣ ଖେଳ ଖେଳି ସନ୍ଧ୍ୟାରେ ଘରକୁ ଫେରୁଥିଲୁ । କୁଆଡେ ଗଲା ସେ ଦିନ ସବୁ !!!

ଶୁଣୁଥିଲି ମଉସାଙ୍କ ହୃଦୟର କଥା ଓ ବୁଝୁଥିଲି ମନର କ୍ଷୋଭ । ସେ ଟିକେ ଅଟକିଲା ପରେ ପଚ଼ାରିଲି,ମଉସା ଆପଣ ଯେଉଁ ନାତି ନାତୁଣୀଙ୍କ କଥା ପ୍ରଥମେ କହୁଥିଲେ, ସେମାନ କ'ଣ ଏମିତି ସବୁ ପିଲାଙ୍କ ଭଳିଆ ବଢୁଛନ୍ତି ନା ଆମେ ଦେଖୁଥିବା ଓ ଶୈଶବକୁ ମନଭରି ଉପଭୋଗ କରୁଥିବା ଏହି ଛୋଟ ପିଲା ଦୁଇଟି ଭଳି ଖୁସିରେ ପାଠ ପଢିବା ସହିତ ଶୈଶବକୁ ଉପଭୋଗ କରୁଛନ୍ତି । ମୋ କଥାରେ ମଉସା ଜଣଙ୍କର ଆଖି ଓଦା ଓଦା ଦେଖାଗଲା । ଆଖିରୁ ମୋଟା ଚ଼ଷମା କାଢ଼ି ଲୁହ ପୋଛିଲେ । ଦୋଷୀ ଦୋଷୀ ଲାଗିଲା ମୋତେ କିନ୍ତୁ ମୁଁ ଜାଣି ପାରୁନଥିଲି କ'ଣ ଭୁଲ୍ କଲି । ହାତଯୋଡି କହିଲି, ମୋ ଅଜାଣତରେ ଯଦି ମୁଁ ଆପଣଙ୍କୁ ଦୁଃଖ ଦେଇଛି ମୋତେ କ୍ଷମା କରିବେ ମଉସା ।ପାକୁଆ ପାଟିରେ ସାମାନ୍ୟ ହସିଲେ ଓ ମୋ ମୁଣ୍ଡରେ ହାତ ରଖି ଆଶିର୍ବାଦ କରିବା ଭଙ୍ଗୀରେ କହିଲେ, ନାହିଁ ବାବା ତମେ କିଛି ଭୁଲ୍ କରିନ । ଜୀବନରେ ଭୁଲ୍ ମୁଁ କରିଛି ଅଧିକାଂଶ ଆଧୁନିକ ବାପାମାଆଙ୍କ ଭଳି । ଗୋଟିଏ ବୋଲି ପୁଅ ମୋର । ସରକାରୀ ଚ଼ାକିରୀ ଗୋଟେ କରିଥିଲି । ମୋ ପୁଅ କେମିତି ଭଲ ବିଦ୍ୟାଳୟରେ ପଢିବ ଓ ଆଗକୁ ଯିବ, ତା'ର ସମସ୍ତ ବ୍ୟବସ୍ଥା କରିଥିଲି । ପୁଅର ପାଠପଢ଼ା ପାଇଁ ବୁଢ଼ା ବୟସରେ ନିଜ ବାପାମାଆଙ୍କୁ ବି ଅବହେଳା କରିଛି । ବର୍ଷ ବର୍ଷ ଧରି ଗାଁ କୁ ଯାଇନି । ଯେଉଁ ପୁଅ ପାଇଁ ମୁଁ ସବୁକିଛି ଭୁଲି, ତାକୁ ମଣିଷ କଲି , ସେହି ପୁଅ ଏବେ ଆମେରିକାରେ । ନିଜ ଇଚ଼୍ଛାରେ ବାହା ହେଇଛି ଜଣେ ଆମେରିକୀୟ ଝିଅକୁ । ଏବେ ସେ ଦୁଇଟି ପିଲାର ବାପା । ସେ ଦେଶର ନାଗରିକତା ବି ପାଇ ସାରିଲାଣି । କେବେ କେମିତି ଭିଡିଓ କଲ୍ କରି ନାତି ନାତୁଣୀଙ୍କୁ ଦେଖାଏ । ଆଉ ଏଠାକୁ ଫେରିବାର ଆଶା ପ୍ରାୟ ନାହିଁ । ଜୀବନର ଅନ୍ତିମ ମୁହୂର୍ତ୍ତରେ ଆମେ ବୁଢ଼ା ବୁଢ଼ୀ ଦୁଇଜଣ । ସାହା ଭରଷା କେହି ନାହାଁନ୍ତି । କେବଳ ଈଶ୍ୱର ଭରଷା । ପୁଅ କହୁଛି ଭାରତ ଛାଡ଼ି ଆମେରିକା ଚ଼ାଲି ଯିବାକୁ । ଯେଉଁ ପୁଅକୁ ମଣିଷ କରିଥିଲି ଭାରତ ମାଆର ସେବା କରିବା ପାଇଁ,ସେ ମଣିଷ ହେବା ପରେ ଆମେରିକାର ସେବା କରୁଛି ଆଉ ମୋତେ କହୁଛି ମୋ ଦେଶ ଛାଡ଼ି ସେ ଦେଶକୁ ଚ଼ାଲିଯିବାକୁ । ଜନ୍ମ ନେଇଛି ଏ ପବିତ୍ର ଭାରତବର୍ଷରେ ,ମରିବି ବି ଏହି ପବିତ୍ର ମାଟିରେ । ମୁଁ କାହିଁକି ତା ପାଖକୁ ଯିବି ? ଯେତେଦିନ ଯାଏ ନିଜ କାମ ନିଜେ କରି ପାରୁଛୁ, ଠିକ୍ ଅଛି । ଯେବେ ଅନୁଭବ କରିବୁ,ଆଉ ନୁହଁ, ପୁଅ ପାଇଁ ତିଆରି କରିଥିବା କୋଠାଘରଟିକୁ ବିକ୍ରି କରିଦେଇ କେଉଁ ଗୋଟେ ଅନାଥାଶ୍ରମକୁ ଚ଼ାଲିଯିବୁ ଦୁଇଜଣ । ମଉସାଙ୍କ କଥା ଶୁଣି ହୃଦୟ ମୋର ଭାରି ଭାରି ଲାଗୁଥିଲା । ଭାବୁଥିଲି କେଉଁଠି ରହୁଛି ଭୁଲ୍ ଯେଉଁଥି ପାଇଁ ଉଭୟ ଶୈଶବ ଓ ବାର୍ଦ୍ଧକ୍ୟ ଏକ ପ୍ରକାର ଅସହାୟତାର ଶୀକାର ହେଉଛି ।

*ବାସୁଦେବପୁର, ଭଦ୍ରକ*
*ଦୂରଭାଷ ୯୪୩୭୩୨୦୩୫୦*

# ପଥଭ୍ରଷ୍ଟ ମାନବ ପାଇଁ ପଦେ


ଅନୀତା ପଟ୍ଟନାୟକ

କଥାରେ ଅଛି, ନ ସୁଖ ଲଭ୍ୟତେ ସୁଖମ । ଏହାର ଅର୍ଥ ପ୍ରକୃତ ସୁଖ ଭୌତିକ ସୁଖ ମାଧ୍ୟମରେ ମିଳେନାହିଁ । କର୍ତ୍ତବ୍ୟ ଜ୍ଞାନରେ କରାଯାଉଥିବା କର୍ମ / କର୍ତ୍ତବ୍ୟ ଓ ଉତ୍ସର୍ଗଭାବ ଦ୍ୱାରା ଆବର୍ଜନା, ଶଂସୟ ଓ ମୋହରୁ ମୁକ୍ତି ମିଳିବା ସମ୍ଭବପର ହୋଇଥାଏ । ଶୁଦ୍ଧ ବୁଦ୍ଧି ଓ ନିର୍ମଳତା ସାହାଯ୍ୟରେ ବିଶ୍ୱର ଏକତ୍ୱ ସମ୍ଭବପର ହୋଇଥାଏ । ସର୍ବଂ ବିଷ୍ଣୁମୟଂ ଜଗତଂ, ଇଶାବାସ୍ୟ ଇଦମ ସର୍ବଂ ଏହି ଉକ୍ତିକୁ ଉପଲବ୍ଧି କରିହୁଏ । ବର୍ତ୍ତମାନ ସମୟରେ ଦୂରଦର୍ଶନରେ ଅନେକଥର ରାମାୟଣ ପ୍ରସାରିତ କରାଗଲାଣି, ହେଲେ ରାମାୟଣରେ ଦର୍ଶାଯାଇଥିବା ମନ୍ଥରାର କ୍ରୋଧ, ସୂର୍ପଣଖାର କାମଜାବ, ଲକ୍ଷ୍ମଣଙ୍କର ତ୍ୟାଗଭାବ, ରାମଙ୍କର ବୈରାଗ୍ୟ ଭାବ, ସୀତାଙ୍କର ଏକ ପତ୍ନୀ ବ୍ରତ, ଏସବୁକୁ କେହି ଅନୁଧାନ କରୁନାହିଁ । ଦୁଷ୍ଟ ପ୍ରଭାବରୁ ମନକୁ କିପରି ନିୟନ୍ତ୍ରଣ କରାଯିବ ତାହା ରାମାୟଣରେ ସୂଚନା ଦିଆଯାଇଥିଲେ ମଧ୍ୟ ତାହାକୁ କେହି ଅନୁସରଣ କରନ୍ତି ନାହିଁ ।

ସେଥିପାଇଁ କିଛି କିଛି ପଇସା ସଞ୍ଚୟ କରି ମୋର ସ୍ୱାମୀ ଓ ମୁଁ, ମୋର ପୁଅଝିଅ ପୁରୀ ଅଭିମୁଖେ ବାହାରିଲୁ । ବସରେ ଯାଉଥିବା ସମୟରେ ଅନେକ ଯାତ୍ରୀଙ୍କ ସହ କଥୋପକଥନ ହେଲା ଆମ ପାଖରେ ବସିଥିବା ଜଣେ ଯାତ୍ରୀ ଆଉ ଜଣେ ଯାତ୍ରୀକୁ ବଡ଼ ପାଟିରେ କହୁଥାଏ ଏ ଲୋକ ଗୁଡ଼ିକ ପାଗଳ ହୋଇଗଲେଣି । ମନ୍ଦିର ବେଢ଼ା ପରିକ୍ରମା ପାଇଁ ନିର୍ମାଣ କାର୍ଯ୍ୟ ଚାଲୁଛି ତେଣୁ ସିଂହଦ୍ୱାର ଛଡ଼ା ଅନ୍ୟ ଦ୍ୱାରରେ ଯିବା ନିଷିଦ୍ଧ କରାଯାଇଛି । ଲୋକେ ବର୍ତ୍ତମାନ ଘଣ୍ଟା ଘଣ୍ଟା ଧରି କଷ୍ଟ କରି ଠିଆ ହେଉଛନ୍ତି । ମନଭରି ଜଗନ୍ନାଥଙ୍କୁ ଦେଖିବାର ସୁଯୋଗ ପାଉନାହାଁନ୍ତି । ମୋର କଣ ନଥିଲା ? ଧନ ସଂପତ୍ତି, ପ୍ରତିପତ୍ତି, ସ୍ତ୍ରୀ ସବୁକିଛି ଜଗନ୍ନାଥ ଛଡ଼ାଇ ନେଇଥିବାରୁ ଓ ମତେ ଦାଣ୍ଡର ଭିକାରୀ କରି ଦେଇଥିବାରୁ ମୁଁ ଆଜିକାଲି ଆଉ ଜଗା ଦର୍ଶନ କରୁନାହିଁ । ଏକଥା ମୋ ପୁଅ ମନକୁ ବଡ଼ ପାଇଲା । କହିଲା ବାପା ଏତେ କଷ୍ଟ କରିବା କାହିଁକି ? ଅନ୍ୟତ୍ର କେଉଁଆଡ଼େ ବୁଲି ଯାଇଥିଲେ ଭଲ ହୋଇଥାନ୍ତା । ଏତେ କଷ୍ଟ କରିବା ଅପେକ୍ଷା ସବୁକିଛି ହରାଇବା ଅପେକ୍ଷା ସମୁଦ୍ର କୂଳ ବୁଲି ହୋଟେଲରେ ଖାଇ, କୋଣାର୍କ, ଚନ୍ଦ୍ରଭାଗା ବୁଲି ଆସିଲେ ଭଲ ଲାଗିବ । ଝିଅ ରୂପା ମନକୁ ମଧ୍ୟ ଭାଇର କଥା ଭଲ ପାଇଲା । ସେ କହିଲା ବାପା ! ସମୁଦ୍ରକୂଳ ବୁଲି ସିଧା ଭୁବନେଶ୍ୱରକୁ ଫେରି ନନ୍ଦନକାନନକୁ ଯିବା । ଆଜି ମୋର ଅନେକ ସାଙ୍ଗ ସେଠାରେ ବଣଭୋଜି କରୁଛନ୍ତି । କିନ୍ତୁ ତୁମର ଏହି ଆଧ୍ୟାତ୍ମିକ ପର୍ଯ୍ୟଟନ ମତେ ଭଲ ଲାଗୁନାହିଁ । ମୁଁ ସେମାନଙ୍କୁ ସାନ୍ତ୍ୱନା ଦେଇ କହିଲି ଭକ୍ତି ଓ ସମର୍ପଣ ଭାବକୁ ଛାଡ଼ି ଛୋଟ ପିଲା ତାର ଖେଳନା ଖେଳିବାକୁ ଭଲ ପାଆନ୍ତି । ଖେଳନା ଭାଙ୍ଗିଗଲେ ସେମାନେ କାନ୍ଦନ୍ତି । ସେହିପରି କ୍ଷମତା ସୌଭାଗ୍ୟ, ପରିବାର ରୂପକ ଖେଳନାକୁ ପାଇ ମନୁଷ୍ୟ ଭଗବାନଙ୍କୁ ଭୁଲିଯାଏ ଓ ଏଗୁଡ଼ିକ ଚାଲିଗଲେ ସେ ନିଜର କ୍ଷମତା, ସୌଭାଗ୍ୟ ଓ ପରିବାରକୁ ଫେରି ପାଇବା ପାଇଁ ସେ କ୍ରନ୍ଦନ କରେ ଓ ମୋ ପ୍ରଭୁ ଜଗନ୍ନାଥଙ୍କୁ ନିନ୍ଦା କରେ । ତେଣୁ ମୁଁ ଜଗା ଦର୍ଶନ ବିନା ଅନ୍ୟ କେଉଁଆଡ଼େ ଯିବିନାହିଁ । ମୋର ସ୍ୱାମୀ କହିଲେ, ମନୁଷ୍ୟ ନିକଟରେ ଭାଷା, ବିବେକ, ଭକ୍ତିର ଅବର୍ଣ୍ଣନୀୟ ସନ୍ତୋଷ ଅଛି, କିନ୍ତୁ ସେ ଜୀବନକୁ କିପରି ବ୍ୟବହାର କରୁଛି ତାହାକୁ ଅନୁଧାନ କରୁନାହିଁ । ଅଗ୍ନିରେ ଦହନଶକ୍ତି ଥାଏ । ଜଳରେ ଆର୍ଦ୍ର କରିବାର ଶକ୍ତି ଥାଏ, ତେଣୁ କଷ୍ଟ କରି ପ୍ରଭୁଙ୍କର ଦର୍ଶନ କରିବାର ଶକ୍ତି ମନୁଷ୍ୟକୁ ଦିଆଯାଇଛି । ଏହାକୁ ତୁମେ ପିଲାମାନେ ଭୁଲିଯିବା ଉଚିତ ନୁହେଁ । ସାପ କାମୁଡ଼ାରେ କଷ୍ଟ ପାଉଥିବା ଲୋକକୁ ଲଙ୍କା ଚୋବାଇବାକୁ ଦିଆଯାଏ କାରଣ ବିଷର ପ୍ରକ୍ରିୟା ଚାଲିଥିବା ପର୍ଯ୍ୟନ୍ତ ଲଙ୍କାର ରାଗ ଲାଗେ ନାହିଁ । ସାଂସାରିକ ଇନ୍ଦ୍ରିୟ ବିଷ ଜୋର ଧରିଥିବା ପର୍ଯ୍ୟନ୍ତ ପୂଜା, ଜପ, ଧ୍ୟାନ ଶୁଷ୍କ ଲାଗେ ମଣିଷ ଖବରକାଗଜରେ ବାହାରିଥିବା ଗୁଜବ, ସହଯାତ୍ରୀଙ୍କର ଗୁଜବରେ ବିଶ୍ୱାସ କରେ । କିନ୍ତୁ ଶ୍ରୀକୃଷ୍ଣ ଗୀତାରେ ଅର୍ଜୁନଙ୍କୁ ଯେଉଁ ଶିକ୍ଷା ଦେଇଥିଲେ ଓ ବ୍ୟାସଦେବ ରଚନା କରିଥିବା କଥାକୁ ବିଶ୍ୱାସ କରିବାକୁ ନାରାଜ । ସମ୍ବାଦପତ୍ର ଇନ୍ଦ୍ରିୟ ମାନଙ୍କୁ ଖାଦ୍ୟ ଯୋଗାଇ ପାରୁଚି ଓ ଇନ୍ଦ୍ରିୟ ଭୋଗ, ବ୍ୟାକୁଳତାକୁ ତୁଷ୍ଟକରି ପାରୁଛି । କିନ୍ତୁ ଗୀତା ତ୍ୟାଗ ଓ ଶରଣାଗତି ଓ ଇନ୍ଦ୍ରିୟ ବାସନା ଉର୍ଦ୍ଧ୍ୱରେ ରହିବାକୁ ନିର୍ଦ୍ଦେଶ ଦେଉଥିବାରୁ ତାହା ଭଲ ଲାଗୁନାହିଁ । ଏହାକୁ ହିଁ ଅଜ୍ଞତା, ଦୁର୍ଭାଗ୍ୟଜନକ ଓ ପଥଭ୍ରଷ୍ଟ କୁହାଯାଏ । ରୂପା କହିଲା ମନ୍ଦିର ଭିତରେ ନଖାଇ ଏକ ବାତାନୁକୂଳ ହୋଟେଲରେ ଆମିଷ ଭୋଜନ କଲେ ଭଲ ହୋଇଥାନ୍ତା । ମୁଁ କହିଲି ରୋଗାକ୍ରାନ୍ତ ହୋଇଯିବା ପରେ ଆଉ ଦୁଃଖ କରି ଲାଭ କ'ଣ ? ସ୍ୱାସ୍ଥ୍ୟକୁ ନଷ୍ଟ କରିବାର ପ୍ରଥମ ଭୁଲ ପଦକ୍ଷେପ ନେଲାବେଳେ ବରଂ ଦୁଃଖ କରିବା ଉଚିତ । ମିତାହାର ଓ ମାତ୍ରାହାର ଅଭ୍ୟାସ କରିପାରିଲେ ଜଣେ ଆଧ୍ୟାତ୍ମିକ ଜୀବନର ଭିତ୍ତି ସ୍ଥାପନା କରିପାରିବ । ମାଦକ ଦ୍ରବ୍ୟ ସେବନ କଲେ, ବେଗ, ଆବେଗ, ବୃତ୍ତି, ପ୍ରବୃତ୍ତି ମନୋଭାବ କଥାବାର୍ତ୍ତା, ଚାଲିଚଳନ ସବୁ ଅସଙ୍ଗତ ହୋଇପଡ଼େ । ମନୁଷ୍ୟ ପଶୁ ସ୍ତରକୁ ଖସିଯାଏ । ମାଂସହାର ଦ୍ୱାରା ପଶୁ ପ୍ରବୃତ୍ତି ଓ ପଶୁମାନଙ୍କର ରୋଗ ଦେଖାଯାଏ । ରାଜସିକ ସେବନ ଦ୍ୱାରା ମନ ଅବାଧ୍ୟ ହୁଏ । ତାମସିକ ଖାଦ୍ୟ ଯାହା ରୁଚିକର ସେଥିରେ ମନ ଆଉ ପୁର୍ନଗଠିତ ହୋଇପାରିନଥାଏ । ଆମର କି ଭାଗ୍ୟ ପୁରୀରେ ପହଞ୍ଚିବା କ୍ଷଣି ଶୁଣିଲୁ ଚାରି ଦ୍ୱାର ଖୋଲି ଦିଆଯାଇଛି । ସରକାର ଶାନ୍ତି ଶୃଙ୍ଖଳା ରକ୍ଷା କରାଇଥିବାରୁ ସୁନ୍ଦର ଜଗା ଦର୍ଶନ କରି, ଆନନ୍ଦ ବଜାରରେ ପେଟ ଭରି ଖାଇ ଜଗାର ଗୁଣକୁ ଗାନ କରି କରି ଘରକୁ ଫେରିଲୁ । କି ବିସ୍ମୟକର ଦେବତା ।

ଅବସରପ୍ରାପ୍ତ ପ୍ରଧାପିକା, ସେକ୍ଟର-୧୦, ସିଡିଏ, କଟକ,
ମୋ: ୯୬୯୨୯୮୦୦୨୬




# ସନ୍ଥକବି ଭୀମଭୋଇ



ଏକ ସମୟରେ ମହିମା ବା ଅଲେଖ ଧର୍ମ ଓଡ଼ିଆ ସାହିତ୍ୟ ଓ ଧାର୍ମିକ ସାମାଜିକ ଜୀବନକୁ ଗଭୀର ଭାବେ ପ୍ରଭାବିତ କରିଥିଲା। ସମାଜରେ ପ୍ରଚଳିତ ଜାତିଭେଦ, ପ୍ରତିମା ପୂଜା, ତେତିଶ କୋଟି ଦେବାଦେବୀଙ୍କ କଳ୍ପନା ଆରାଧନା ଓ ବାହ୍ୟ ଆଡ଼ମ୍ବରକୁ ଏହା ପ୍ରତ୍ୟାଖ୍ୟାନ କରିଥିଲା। ଏହି ଧର୍ମର ଅନ୍ୟତମ ମୁଖ୍ୟ ପୁରୋଧା ଥିଲେ ଗୃହୀ ଶିଷ୍ୟ ଭୀମ ଭୋଇ। ତାଙ୍କ ଅନୁଗାମୀମାନେ, ତାଙ୍କୁ ଅଯୋନିସଂଭୂତ ଭାବେ ଗ୍ରହଣ କରିଛନ୍ତି। ସେମାନଙ୍କ ଦୃଷ୍ଟିରେ ସେ ଭଗବାନଙ୍କ ଅବତାର ଏବଂ ଅଲେଖ ପୁତ୍ର। ସ୍ୱରଚିତ ସ୍ତୁତି ଚିନ୍ତାମଣିରେ ମଧ୍ୟ ସେ ଏହାର ସୂଚନା ଦେଇଛନ୍ତି ପିତା ଅଟନ୍ତି ମୋ ଅନାଦି ଠାକୁର, ମାତା ଆଦିଶକ୍ତି ନାରୀ, ଦୂତୀ ଯୁଗଳରୁ ଜନମ ଲଭିଛି, କବିକୃତ କଳା ଧରି। ପଞ୍ଚସଖା ଯୁଗର ପରମ ସାଧକ ଅଚ୍ୟୁତାନନ୍ଦ ଦାସ, ତାଙ୍କର ସଂହିତାମାନଙ୍କରେ ଲେଖିଛନ୍ତି, ରାଧା ମାନବ ରୂପ ଧାରଣ କରି କନ୍ଧ ଗୃହରେ ଜନ୍ମ ହେବେ। ଭୀମ ଭୋଇ ନିଜ ଇଚ୍ଛା ଅନୁସାରେ ନାରୀ ରୂପ ଧାରଣ କରିପାରୁଥିଲେ। ଏହା ଅଧ୍ୟାପକ ଶତ୍ରୁଘ୍ନ ନାଥଙ୍କ ସନ୍ଥକବି ଭୀମ ଭୋଇ ପୁସ୍ତକରେ ଉଲ୍ଲେଖିତ। ଥରେ ବାବା ଗଙ୍ଗାଧର ଦାସଙ୍କୁ ଜଙ୍ଗଲରେ ସେ ନାରୀ ରୂପ ଦେଖାଇଥିଲେ। ଅନାଦି ସଂହିତାରେ ଅଚ୍ୟୁତାନନ୍ଦ ଲେଖିଛନ୍ତି 'ଶୁଣଗୋ ସିଦ୍ଧଙ୍କ ବନିତା, ସେ ଭୀମସେନର କଥା। ପୂର୍ବେ ସେ ମହାଶୂନ୍ୟବାସୀ, ରାଧାଙ୍କ ଯେ ଅରୂପ ଅଂଶୀ'। ତାଙ୍କୁ ଏଭଳି ଚିତ୍ରଣ କରାଯାଇଥିବା ବେଳେ ସେ ଥିଲେ ଶ୍ରୀଜଗନ୍ନାଥ ଆରାଧନାର ତୀବ୍ର ବିରୋଧୀ। ପୁରୀରେ ଶ୍ରୀଜଗନ୍ନାଥ ପୂଜା ବନ୍ଦ କରିବା ପାଇଁ ଉଦ୍ୟମ କରିଥିଲେ। ମହିମା ଧର୍ମର ପ୍ରଚାର ପ୍ରସାରରେ ତାଙ୍କର ଭୂମିକା ଉଲ୍ଲେଖନୀୟ ଓ ପ୍ରାତଃ ସ୍ମରଣୀୟ। ତାଙ୍କ ଲେଖନୀ ମୁନରେ ସେ ଏହି ଧର୍ମ ବିଷୟରେ ଅନେକ କାଳଜୟୀ ରଚନା ସୃଷ୍ଟି କରିଛନ୍ତି। ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ସେ କାହା ଠାରୁ ବିନ୍ଦୁର ସାହାଯ୍ୟ ବି ଚାହିଁ ନାହାଁନ୍ତି। ସରଳ, ନିଃସ୍ୱାର୍ଥପର ଓ ସମାଜ ସେବା ପାଇଁ ତାଙ୍କ ତମାମ ଜୀବନ ସମର୍ପିତ ଥିଲା। ଆଜିର ସମୟରେ ଭୀମଭୋଇଙ୍କ ପରି ସ୍ରଷ୍ଟା ଓ ଆଧ୍ୟାତ୍ମିକ ସାଧକ ଅତ୍ୟନ୍ତ ବିରଳ। ପ୍ରତିଟି ଶ୍ୱାସପ୍ରଶ୍ୱାସରେ ହିଁ ତାଙ୍କର ମହିମା ଚେତନାର ବାର୍ତ୍ତା ଓ ଭାବନା ରହିଥିଲା। ସେ ସମୟରେ ସେ ନିଜେ ଜଣେ ଗରିବ ହୋଇ ମଧ୍ୟ ଅନେକ ଅସହାୟ ଗରିବ ପରିବାର ପାଇଁ ସାହାଯ୍ୟର ହାତ ବଢ଼ାଇଥିଲେ। ତିଥି ଅନୁସାରେ ଭୀମ ଭୋଇ ବୈଶାଖ ପୂର୍ଣ୍ଣମୀରେ ତାରିଖ ଅନୁସାରେ (ମଇ ୧୦) ରେଢ଼ାଖୋଲର କଟାସିଙ୍ଗାରେ ଜନ୍ମ ହୋଇଥିବା ବିଶ୍ୱାସ କରାଯାଏ।

# ଆହ୍ୱାନ ପକ୍ଷରୁ ବିଶ୍ୱ ମାତୃଦିବସ ପାଳନ

ଯାଜପୁର (ପିଏନ୍): ଯାଜପୁରର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'ଆହ୍ୱାନ' ପକ୍ଷରୁ ଉପ-ସଭାପତି ପାଣ୍ଡବ ଚରଣ ସାହୁଙ୍କ ଅଧକ୍ଷତାରେ ସନ୍ଧ୍ୟା ୬ ଘଟିକା ସମୟରେ ବିଶ୍ୱା ମାତୃଦିବସ ପାଳନ କରାଯାଇଥିଲା। ମା' ବିରଜା ଓ ଶ୍ରୀଜଗନ୍ନାଥଙ୍କ ଫଟୋ ଚିତ୍ରରେ ମୁଖ୍ୟ ଅତିଥି ପଣ୍ଡିତ ଭୂପତିଭୂଷଣ ମିଶ୍ର ମାଲ୍ୟାର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ମାତୃ ଜାତି ଚିର ବନ୍ଦନୀୟା ଓ ମା' ମାନଙ୍କର ଋଣ କେହି କେବେ ସୁଝି ପାରିବେ ନାହିଁ ବୋଲି ଦୃଢ଼ତାର ସହ ପଣ୍ଡିତ ଶ୍ରୀ ମିଶ୍ର ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତାଭାବେ ଅଧିକାରୀ ନବକିଶୋର ଦାସ ଯୋଗାଦେଇ ସତ୍ୟ, ଦ୍ୱାପର, ତ୍ରେତୟା ଏବଂ କଳିଯୁଗରେ ବିଶ୍ୱବିଦିତ ମହିୟସୀ ନାରୀ ମାନଙ୍କର ଉପାଖ୍ୟାନ ବର୍ଣ୍ଣନା କରିଥିଲେ। ମୁଖ୍ୟ ଉପଦେଷ୍ଟା ହୃଷୀକେଶ ପତି ଏବଂ ଉପଦେଷ୍ଟା ତପନ କୁମାର ମହାରଣ୍ୟ ଶର୍ମା ଓ ମନୋଜା ରାୟ, ସମ୍ମାନିତ ଅତିଥି ଭାବେ ଯୋଗଦେଇ ମାତୃଦିବସ ତାତ୍ପର୍ଯ୍ୟ ସଂପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଦମୟନ୍ତୀ ସାହୁ, ସରସ୍ୱତୀ ପୃଷ୍ଟି ଏବଂ ଶାନ୍ତିଲତା ସାହୁ ପ୍ରମୁଖ ପୂଜା କରାଯିବା ସହ ସେମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସଂବର୍ଦ୍ଧିତ କରାଯାଇଥିଲା। ସଂପାଦକ ବିଶ୍ୱଜିତ ସାହୁ ସଂପାଦକୀୟ ବିବରଣୀ ଅତିଥି ପରିଚୟ ଏବଂ ସଂଗୀତ ଗାନ କରିଥିଲେ। ଏହି ଉତ୍ସବରେ ରଶ୍ମିକାନ୍ତ ପରିଡ଼ା ଓ ରଂଜିତା ପରିଡ଼ା ନୂତନ ଭାବେ ଆହ୍ୱାନରେ ଯୋଗଦେଇ ଶୁଭକାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ରଞ୍ଜୁଶହା, ସୌମ୍ୟଜିତ ସାହୁ, ଜୟଦେବ ରାଉତ, ବୈଜୟନ୍ତୀ ବେହେର, ମହେଶ ମହାନ୍ତି, ସସ୍ମିତା ସାହୁ, ଶୁଭ୍ରଜିତ ସାହୁ, ରାଜେନ୍ଦ୍ର ସାହୁ ଓ ସାଇ ଓମ୍ ପ୍ରକାଶ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ସହ ସଂପାଦକ ଅକ୍ଷୟ ପୃଷ୍ଟି ଧନ୍ୟବାଦ ଦେଇଥିଲେ।

## ଜୀ ସାର୍ଥକର ନୂଆ ସିନେମା ଡ଼ିଟେକ୍ଟିଭ୍ କରନ୍-ଅର୍ଜୁନର ଅଡ଼ିଓ ରିଲିଜ

ଖୋର୍ଦ୍ଧା (ପିଏନ୍)-ଜୀ ସାର୍ଥକର ନୂଆ ସିନେମା ଡ଼ିଟେକ୍ଟିଭ୍ କରନ୍-ଅର୍ଜୁନର ଅଡ଼ିଓ ରିଲିଜ ହୋଇଯାଇଛି। ଫିଲିମରେ ତିନୋଟି ଗୀତ ରହିଥିବା ବେଳେ ଏଥିରେ ଡ଼କ୍ଟର ନିର୍ମଳ ନାୟକ ଓ ଅଭିଜିତ୍ ମଜୁମଦାରଙ୍କ ଜୋଡ଼ି ପୁଣି ଥରେ ଦେଖିବାକୁ ମିଳିବ। ଯେଉଁଥିରେ ଭାଉଜ ଓ ଭାଉଜ ଗୀତଟି ମାର୍କେଟରେ ଚହଳ ସୃଷ୍ଟି କରିବ ବୋଲି ଜୀ ସାର୍ଥକ ଆଶା ପ୍ରକଟ କରିଛି। ଏହି ଗୀତକୁ ନିଜେ ପପୁ ପମ୍‌ପମ୍ ଗାଇଥିବା ବେଳେ ତାଙ୍କ ସହ ଗାଇଛନ୍ତି ସ୍ମୃତି ସେହିପରି ଏକ ଦୋ ତିନି ଚାର, ଚାରିଆଡ଼େ ଦିଶୁଛି ମୋ ପ୍ୟାର। ଗୀତକୁ ଗାଇଛନ୍ତି ଅଭିଜିଦ ମଜୁମଦାର ଓ ସଂଜୁ। ଛାଡ଼ରେ ସାଙ୍ଗ ଗନ୍ଧିଆ କଥା ଗୀତକୁ ଈଶ୍ୱରୀ ଗାଇଛନ୍ତି। ସମସ୍ତ ଗୀତକୁ ଡ଼କ୍ଟର ନିର୍ମଳ ନାୟକ ଲେଖିଥିବା ବେଳେ ସଂଗୀତରେ ସଜାଇଛନ୍ତି ଅଭିଜିତ୍ ମଜୁମଦାର ସବୁତକ ଗୀତ ଦର୍ଶକଙ୍କ ମନକୁ ଛୁଇଁବ ବୋଲି ପୁରାଟିମ୍ ଆଶାବାଦୀ। ଆସନ୍ତା ୧୫ ତାରିଖ ସନ୍ଧ୍ୟା ୬ଟା ୩୦ମି.ରେ ଏହି ମୁଭିଟି ଜୀସାର୍ଥକରେ ରିଲିଜ ହେବ। କିନ୍ତୁ ତା ପୂର୍ବରୁ ଅଡ଼ିଓ ରିଲିଜ୍ କରିବାର ପରମ୍ପରା ଆରମ୍ଭ କରିଛି ଜୀ ସାର୍ଥକ। ଓଲିଉଡ଼ରେ ନୂଆ ମାଇଲ ଷ୍ଟୋନ ତିଆରି କରିପାରିଛି। ଜୀ ସାର୍ଥକ ଫିଲିମ୍ ଓ ଲିପ୍ସା ପ୍ରଡ଼କ୍ସନ ବ୍ୟାନରରେ ନିର୍ମାଣ ହେଉଛି ନୂଆ ସିନେମା ଡ଼ିଟେକ୍ଟିଭ୍ କରନ ଅର୍ଜୁନ ଏହି ଚଳଚିତ୍ରରେ ନୂଆ ଅବତାରରେ କମେଡ଼ି କିଂ ପପୁ ପମ୍‌ପମ୍‌କୁ ଦେଖିବାକୁ ମିଳିବ। ତାଙ୍କ ସହ ପ୍ରଜ୍ଞା ଖଟୁଆଙ୍କ ଦମ୍‌ଦାର ଅଭିନୟର ମଜା ପାଇବେ ଦର୍ଶକ। ଉଭୟ ପପୁ ଓ ପ୍ରଜ୍ଞା କରନ ଅର୍ଜୁନ ଭୂମିକାରେ ଅଭିନୟ କରୁଛନ୍ତି। ସେହିପରି ନାୟିକା ସାଜିଛନ୍ତି ଅଭିନେତ୍ରୀ ପ୍ରୀୟଙ୍କା ମହାନ୍ତି, ପ୍ରିୟଙ୍କା ମହାପାତ୍ର ଓ ଲିପସା ମିଶ୍ର ଅନ୍ୟମାନଙ୍କ ମଧ୍ୟରେ ଟୁକୁନା, ପ୍ରଜ୍ଞା ମହାନ୍ତି, ଜୀବନ ପଣ୍ଡା, କୁନା ତ୍ରୀପାଠୀ, ହାଡ୍ଡୁ, ଅରବିନ୍ଦ ଷଢଙ୍ଗୀ, ରାଜିବ, କାଳୀ, ମନୋଜ, ସୁଶା, ଦିଗ୍‌ବିଜୟ, ସୁମିତ ଓ ସଂଗ୍ରାମ ପ୍ରମୁଖ ଅଭିନୟ କରିଛନ୍ତି। ପପୁ ପମ୍‌ପମ୍ ନିଜେ ସିନେମାର କାହାଣୀ ଲେଖିଥିବା ବେଳେ ଅଶ୍ୱିନି ଗଡ଼ନାୟକ ନିର୍ଦ୍ଦେଶନା ଦେଇଛନ୍ତି। ଏହାର ସଂଳାପ ଲେଖିଛନ୍ତି ଟୁକୁନା। ଚଳଚିତ୍ରର କାହାଣୀ ସହ ସଂଗୀତ ମଧ୍ୟ ଲୋକାଦୃତ ହୋଇପାରିବ ବୋଲି ଜୀ ସାର୍ଥକ ପକ୍ଷରୁ ଆଶା ପ୍ରକଟ କରାଯାଇଛି।

# ମା' ରାମଚଣ୍ଡୀଙ୍କ ପୀଠରେ ହାଣ୍ଡିଭଙ୍ଗା ଯାତ

ପ୍ରାଚୀନ ଅର୍କକ୍ଷେତ୍ରର ରକ୍ଷାକର୍ତ୍ତ୍ରୀ ଅଷ୍ଟଚଣ୍ଡୀଙ୍କ ମଧ୍ୟରେ ମା' ରାମଚଣ୍ଡୀ ହେଉଛନ୍ତି ଶ୍ରେଷ୍ଠ ତଥା ଅଧିଷ୍ଠାତ୍ରୀ ଦେବୀ । ମା' ରାମଚଣ୍ଡୀଙ୍କ ଅବସ୍ଥିତି ଓ ମାହାତ୍ମ୍ୟ ସଂପର୍କରେ ମାଦଳା ପାଞ୍ଜି, ସାରଳା ମହାଭାରତ, ପ୍ରାଚୀ ମାହାତ୍ମ୍ୟ, ପୁରୁଷୋତ୍ତମ ମାହାତ୍ମ୍ୟ, ତଥା ବିଭିନ୍ନ ଐତିହାସିକ ବିବରଣୀରୁ ସୂଚନା ମିଳେ । ଏତଦ୍‌ବ୍ୟତିତ ଲୋକମୁଖରେ ମା'ଙ୍କ ସଂପର୍କରେ ଅନେକ କିମ୍ବଦନ୍ତୀ ମଧ୍ୟ ଶୁଣିବାକୁ ମିଳେ । ମା'ଙ୍କ ପୀଠରେ ବର୍ଷତମାମ ପାଳନ କରାଯାଉଥିବା ବିଭିନ୍ନ ପର୍ବପର୍ବାଣୀଗୁଡ଼ିକ ମଧ୍ୟରେ ଶ୍ରେଷ୍ଠ ଓ ନିଆରା ପର୍ବ ହେଉଛି ହାଣ୍ଡିଭଙ୍ଗା ଯାତ। ବୈଶାଖ ମାସ ଶୁକ୍ଳ ପକ୍ଷ ଶେଷ ଗୁରୁବାର ଦିନ ଏହି ପର୍ବ ପାଳନ କରାଯାଇଥାଏ । ଏହା ଓଡ଼ିଆଣୀ କୁଳବଧୂମାନଙ୍କର ଏକ ନିଆରା ପର୍ବ । କାହିଁ କେଉଁ କାଳରୁ ପୁରୁଷାନୁକ୍ରମେ ଖାଲକଟାପାଟଣା ଓ ଟିକନା ଗ୍ରାମର କୁଳବଧୂମାନେ ନିଜ ପରିବାରର ଶୁଭ ମନାସି ମା' ରାମଚଣ୍ଡୀଙ୍କ ନିକଟରେ ହାଣ୍ଡିଭଙ୍ଗା ଯାତକୁ ମହାଆଡ଼ମ୍ବରରେ ପାଳନ କରିଥାନ୍ତି । ଘଞ୍ଚ ଜଙ୍ଗଲ ଓ ସମୁଦ୍ରକୂଳରେ ଏହି ଦୁଇଟି ଗ୍ରାମର ଅବସ୍ଥିତି ଥିବାରୁ ଜଙ୍ଗଲି ଜୀବଜନ୍ତୁଙ୍କ ଆକ୍ରମଣ ଓ ସମୁଦ୍ର ମାଡ଼ି ନ ଆସିବା ପାଇଁ ଗ୍ରାମର କୂଳବଧୂମାନେ ମା' ରାମଚଣ୍ଡୀଙ୍କ ନିକଟରେ





ହାଣ୍ଡିଭଙ୍ଗାଯାତକୁ ପୁରୁଷାନୁକ୍ରମେ ପାଳନ କରି ଆଶୁଛନ୍ତି ।

ବୈଶାଖ ମାସ ଶୁକ୍ଳ ପକ୍ଷ ଶେଷ ଗୁରୁବାର ଦିନ ମା'ଙ୍କ ପୀଠରେ ଏହି ନିଆରା ପର୍ବ ହାଣ୍ଡିଭଙ୍ଗା ଯାତ ଧୁମଧାମରେ ପାଳିତ ହୋଇଥାଏ । ମା'ଙ୍କ ପୀଠ ସଂଲଗ୍ନ ଟିକନା ଓ ଖାଲକଟାପାଟଣା ଗ୍ରାମର କୁଳବଧୂମାନେ ଏହି ପବିତ୍ର ଦିନରେ ଉପବାସ ବ୍ରତ ପାଳନ କରି ଏକତ୍ର ହୁଳହୁଳି ପକାଇ ଗ୍ରାମରୁ ବାହାରିଥାନ୍ତି । ମା' ରାମଚଣ୍ଡୀଙ୍କ ନିମନ୍ତେ କୁଳବଧୂମାନେ ଗାଧୁଆ ସଜ ଧରି ପବିତ୍ର ପୀଠରେ ପହଞ୍ଚିବା



ପରେ ମା'ଙ୍କ ପୂଜକ ଗାଧୁଆ ନୀତି ସମ୍ପନ୍ନ କରିଥାନ୍ତି । ପ୍ରତ୍ୟେକ ମହିଳା ପରିଧାନ କରିଥିବା ନୂଆ ଲୁଗା କାନିରେ ବାନ୍ଧି ଆଣିଥାନ୍ତି ହାଣ୍ଡିରନ୍ଧା ସାମଗ୍ରୀ । ମା'ଙ୍କ ମନ୍ଦିର ବେଢ଼ାର ପଶ୍ଚିମ ପାର୍ଶ୍ୱରେ ଥିବା ହାଣ୍ଡିରନ୍ଧା ଚୁଲାରେ ସମୂହ ହାଣ୍ଡିରନ୍ଧା କାର୍ଯ୍ୟ ଆରମ୍ଭ ହୋଇଥାଏ । ମନ୍ଦିରର ପୂଜକ ଓ ମାଳି ମା'ଙ୍କ ରୋଷଘର ଚୁଲାରୁ ଅଗ୍ନୀ ଆଣି ପ୍ରତ୍ୟେକ ମହିଳାଙ୍କ ଚୁଲିରେ ଅଗ୍ନୀ ସଂଯୋଗ କରିବା ସହିତ ଖୀରିକୋଳି ଡାଙ୍ଗରେ ପ୍ରସ୍ତୁତ ଚଟୁ ଯୋଗାଇ ଦେବାପରେ ମହିଳାମାନେ ହାଣ୍ଡିରନ୍ଧା କାର୍ଯ୍ୟ ଆରମ୍ଭ କରିଥାନ୍ତି । ମହିଳାମାନେ ଘରୁ ଆଣିଥିବା ଅରୁଆଚାଉଳ, ମୁଗ, ଚିନି, ଘିଅ ଓ ପରିବାକୁ ମିଶାଇ ନୂଆ ମାଟିହାଣ୍ଡିରେ ଖେଚୁଡ଼ି ପ୍ରସ୍ତୁତ କରିଥାନ୍ତି । ଏହି ସମୟରେ ମା'ଙ୍କ ରୋଷେଇଘରେ ପୂଜକ ମଧ୍ୟ ନୂଆ ମାଟିହାଣ୍ଡିରେ ଅନୁରୂପଭାବେ ଖେଚୁଡ଼ି ପ୍ରସ୍ତୁତ କରିବାପରେ ମା'ଙ୍କ ନିକଟରେ ଭୋଗ ଲଗାଇଥାନ୍ତି । ଏହାପରେ ହାଣ୍ଡିରନ୍ଧା ଖେଚୁଡ଼ିକୁ ପୂଜକ ଓ ମହିଳାମାନେ କଦଳୀ ପତ୍ରରେ ବାଢିଥାନ୍ତି । ଖେଚୁଡ଼ିର ସିଂହଭାଗ ଅଂଶକୁ ଦୁଇଟି ବାଟୁଳା କରି ବାଘ ଓ ବାଘୁଣୀଙ୍କ ନିମନ୍ତେ ହାଣ୍ଡିରେ ରଖିବା ପରେ ଅବଶିଷ୍ଟ ଖେଚୁଡ଼ିକୁ ସେବନ କରି ବଳକା ଖେଚୁଡ଼ି ହାଣ୍ଡିକୁ ଧରି ପୂଜକ ହାଣ୍ଡିଭଙ୍ଗା ବନ୍ତ ଅଭିମୁଖେ ଆଗେ ଆଗେ ଯିବା ବେଳେ ମହିଳାମାନେ ନିଜ ନିଜ ହାଣ୍ଡିକୁ ଧରି ନୀରବତା



ଅବଲମ୍ବନ କରି ତାଙ୍କୁ ଅନୁସରଣ କରିଥାନ୍ତି । ମା'ଙ୍କ ମନ୍ଦିରର ପଶ୍ଚିମ-ଉତ୍ତର କୋଣର ୨୦୦ମିଟର ଦୂରରେ ଥିବା ହାଣ୍ଡିଭଙ୍ଗା ବନ୍ତରେ ପହଞ୍ଚି ଏହି ବନ୍ତକୁ ସାତଥର ପ୍ରଦିକ୍ଷଣ କରିବା ପରେ ବନ୍ତ ଚୂଡ଼ାରେ



ଥିବା ଶିଳା ଉପରେ ହାଣ୍ଡିକୁ କଚାଡ଼ି ଭାଙ୍ଗିଥାନ୍ତି । ଏହାପରେ ମହିଳାମାନେ ଏକମୁହାଁ ହୋଇ ୩୦୦ ମିଟର ଦୂରରେ ଥିବା ହାତଧୁଆ ଝରଣାରେ ହାତ ଧୋଇ ଗ୍ରାମଦେବତୀ ଖାଲକୋଠୀଙ୍କୁ ମୁଣ୍ଡିଆମାରୀ ଘରକୁ ଫେରିଥାନ୍ତି । ଯେଉଁ ମହିଳାଙ୍କ ହାଣ୍ଡିର ମୁଣ୍ଡୁଳି ଭାଙ୍ଗିନଥାଏ ସଂପୃକ୍ତ ମହିଳା ନିଜ ପରିବାରରେ କୌଣସି ଅମଙ୍ଗଳ ନ ହେବା ପାଇଁ ରିଷ୍ଟ ଖଣ୍ଡନ ଉଦ୍ଦେଶ୍ୟରେ ଶୁକ୍ରବାର ପ୍ରତ୍ୟୁଷରେ ମା'ଙ୍କ ପାଖରେ ଗୁହାରିଆ ପଡ଼ିବାର ବିଧି ରହିଛି ।

ଏହି ଅବସରରେ ବିଶ୍ୱ ଶାନ୍ତି ନିମନ୍ତେ ମା'ଙ୍କ ନିକଟରେ ହାଣ୍ଡିଭଙ୍ଗା ଯାତର ଦୁଇଦିନ ପୂର୍ବରୁ ତ୍ରିଦିବସୀୟ ଚଣ୍ଡୀମହାଯଜ୍ଞ ଆୟୋଜିତ ହୋଇଥାଏ । ହାଣ୍ଡିଭଙ୍ଗା ଯାତ ଦିନ ପ୍ରତ୍ୟୁଷରେ ମା' ରାମଚଣ୍ଡୀଙ୍କୁ ମହାଲକ୍ଷ୍ମୀ ବେଶରେ ସଜାଯାଇ ପୂଜାର୍ଚ୍ଚନା କରାଯାଇଥାଏ । ସକାଳ ମଙ୍ଗଳ ଆଳତି ଓ ରାତିରେ ବଡ଼ସିଂହାର ଧୂପ ଆଳତିକୁ ମିଶାଇ ମାଆଙ୍କ ନିକଟରେ ମୋଟ ୫ ଥର ଆଳତି କରାଯାଇଥାଏ । ମା'ରାମଚଣ୍ଡୀଙ୍କର ମହାଲକ୍ଷ୍ମୀ ବେଶ ଓ ହାଣ୍ଡିଭଙ୍ଗା ଯାତକୁ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଦିନତମାମ ଲାଗିରହିଥାଏ । ଏହି ଅବସରରେ ଆୟୋଜକଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସଭା ଅନୁଷ୍ଠିତ ହୋଇଥାଏ । ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ପର୍ଯ୍ୟଟନ ବିଭାଗ ସହାୟତାରେ ମା' ରାମଚଣ୍ଡୀ ଉନ୍ନୟନ କମିଟି, ମା' ରାମଚଣ୍ଡୀ ବଜାର କମିଟିର ସମସ୍ତ ସଦସ୍ୟ ପରିଚାଳନା କରିଥାନ୍ତି ।

ଏଠାରେ ସୂଚନା ଥାଉକି ୨୦୧୯ ମସିହାରେ ସାମଦ୍ରିକ ଝଡ ଫନି ଓ ୨୦୨୦ ଏବଂ ୨୦୨୧ ମସିହାରେ ମହାମାରୀ କରୋନା ପାଇଁ ମା'ଙ୍କ ପୀଠରେ ଜାକଜମକରେ ପାଳନ ହୋଇପାରି ନଥିଲା



ହଣ୍ଡିଭଙ୍ଗା ଯାତ। କେବଳ ପରମ୍ପରା ରକ୍ଷା କରାଯାଇଥିଲା । ଚଳିତ ବର୍ଷ ୧୦ତାରିଖରୁ ଆରମ୍ଭ ହୋଇଥିବା ତ୍ରିଦିବସୀୟ ବିଶ୍ୱ ଶାନ୍ତି ମହାଯଜ୍ଞ ବୈଶାଖ ମାସ ଶେଷ ଗୁରୁବାର ୧୨ତାରିଖରେ ଉଦଯାପିତ ହେବ। ଏହି ଅବସରରେ ୧୦ତାରିଖରୁ ୧୨ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେହ ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ୧୦ ତାରିଖ ଚଣ୍ଡୀ ମହାଯଜ୍ଞ ଓ ସନ୍ଧ୍ୟା ୬ଟାରେ ଖାଲକଟାପାଟଣା ଗ୍ରାମର ମା' ଜାଗେଶ୍ୱରୀ ମହିଳା ସଂକୀର୍ତ୍ତନ ମଣ୍ଡଳି ପକ୍ଷରୁ ସଂକୀର୍ତ୍ତନ ପରିବେଷଣ କରାଯିବ ।



୧୧ ତାରିଖ ସନ୍ଧ୍ୟା ୬ଟାରେ କଟକ ବାଦାମବାଡିର ମା' ସାରଳା ଭଜନ ସନ୍ଧ୍ୟା ପକ୍ଷରୁ ଭଜନ ପରିବେଷଣ ଏବଂ ରାତ୍ର ୧୦ଟାରେ ନୟାଗଡ ବୁଢିଆଳିର ରଘୁନାଥ ଜିୟୁ ରାମନାଚ ସଂସଦ ପକ୍ଷରୁ ଲବକୁଶ ଜନ୍ମ ପରିବେଷଣ କରାଯିବ। ୧୨ ତାରିଖ ଗୁରୁବାର ମା' ରାମଚଣ୍ଡୀଙ୍କ ମହାଲକ୍ଷ୍ମୀ ବେଶ ଓ ହାଣ୍ଡିଭଙ୍ଗା ଯାତ, ଚଣ୍ଡୀ ମହାଯଜ୍ଞର ପୂର୍ଣ୍ଣାହୁତି, ସନ୍ଧ୍ୟା ୬ଘଟିକା ମା' ଖଣ୍ଡୁଆଳି ମହିଳା ସଂକୀର୍ତ୍ତନ ମଣ୍ଡଳି ପକ୍ଷରୁ ସଂକୀର୍ତ୍ତନ ପରିବେଷଣ, ସନ୍ଧ୍ୟା ୭ଟାରେ ଓଡିଶୀ ସଂକୀର୍ତ୍ତନ ପରିବେଷଣ, ରାତ୍ର ୮ଟାରେ ସାଧାରଣ



ସଭା ଓ ରାତ୍ର ୯ଟାରେ ନୟାଗଡ ପୁଆଣିଆର ମା' ବ୍ରହ୍ମଣ ଦେବୀ ରାମନାଚ ସଂସଦ ପକ୍ଷରୁ ଲକ୍ଷ୍ମଣ ଶକ୍ତି ଭେଦ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି । ସୁବାସ ପ୍ରଧାନ, କାର୍ତ୍ତିକ ଚନ୍ଦ୍ର ବେହେରା, ଲୋକନାଥ ନାୟକ, ନରେନ୍ଦ୍ର ପରିଡା, ଚନ୍ଦନ ବେହେରା, ଅନିଲ



ନାୟକ, ସଦାଶିବ ନାୟକ, ରବିନ୍ଦ୍ର ଦାସ, ସନାତନ ବେହେରା, ପ୍ରକାଶ ବେହେରା, ରାମଚନ୍ଦ୍ର ନାୟକ, ସନାତନ ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ଖେଳ ପର୍ଯ୍ୟବେକ୍ଷକ

Bhubaneswar Thursday April 03 | ଭୁବନେଶ୍ୱର ଗୁରୁବାର, ୦୩, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com



# ଥାଇଲାଣ୍ଡ ଓ ମିଆଁମାରର ଭୂମିକମ୍ପ ପ୍ରପୀଡ଼ିତଙ୍କ ପାଇଁ କ୍ୟାଣ୍ଡେଲ ଜାଳି ଜଗନ୍ନାଥଙ୍କ ପାଖରେ ନିବେଦନ

ଭୁବନେଶ୍ୱର(ପି.ଏନ):ଆଜି ସନ୍ଧ୍ୟାରେ ରୋଟାରୀ କ୍ଲବ ଦ୍ୱାରା ସ୍ଥାପିତ ଶାନ୍ତି ସ୍ତମ୍ଭ ନିକଟରେ ଥାଇଲାଣ୍ଡ ଓ ମିଆଁମାର ର ଭୂମିକମ୍ପ ରେ ପ୍ରପୀଡ଼ିତ ଙ୍କ ପାଇଁ କ୍ୟାଣ୍ଡେଲ ଜାଳି ରୋଟାରୀ ପରିବାର ର ବରିଷ୍ଠ ରୋଟାରିଆନ କ୍ଷୀରୋଦ ପ୍ରସାଦ ମହାନ୍ତି, ଦେବପ୍ରସାଦ ମଜୁମଦାର, ସୌର୍ଯ୍ୟ ରଞ୍ଜନ ମହାନ୍ତି, ଶୁଚିସ୍ମିତା ପରିଜା, ପ୍ରାଣନାଥ ମହାବିଦ୍ୟାଳୟ ର ଏନ. ସି. ସି ଛାତ୍ର ଛାତ୍ରୀ, ପ୍ରଫେସର ଶୁଭେନ୍ଦୁ ମହାନ୍ତି ପ୍ରମୁଖ ଏକତ୍ରିତ ହୋଇ ଜଗନ୍ନାଥ ଙ୍କ ପାଖରେ ସେମାନଙ୍କର ସୁଖ ସମୃଦ୍ଧି କାମନା ସହ ସେମାନଙ୍କୁ ସହାୟ ପାଇଁ ବିନମ୍ର ନିବେଦନ କରିଛନ୍ତି।



# ଜଗତସିଂହପୁର ଠାରେ ଜିଲ୍ଲା ସ୍ତରୀୟ ଓଡିଶା ଦିବସ ଓ ଜଗତସିଂହପୁର ଜିଲ୍ଲା ମହୋତ୍ସବ 'କଲ୍‌ଲୋଳ-୨୦୨୫'ର ଉଦ୍‌ଘାଟନୀ ଉତ୍ସବ

ଜଗତସିଂହପୁର,(ପି ଏନ) : ଆଜି ଜିଲ୍ଲା ସଦର ମହକୁମା ଠାରେ ଜିଲ୍ଲା ସ୍ତରୀୟ ଓଡିଶା ଦିବସ ଓ ଜଗତସିଂହପୁର ଜିଲ୍ଲା ମହୋତ୍ସବ କଲ୍‌ଲୋଳ ର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି । ଉତ୍ସବକୁ ଉଦ୍‌ଘାଟନ କରିବା ସହ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡିଶାର ମାନ୍ୟବର ମନ୍ତ୍ରୀ ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା , ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଲେ ଜଗତସିଂହପୁର ଜିଲ୍ଲା ଏକ ସମୃଦ୍ଧ ଜିଲ୍ଲା । କଳା,ସଂସ୍କୃତି, ଐତିହ୍ୟ ଓ ଶିକ୍ଷା କ୍ଷେତ୍ରରେ ଏ ଜିଲ୍ଲା ରାଜ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଏହି ମାଟିର ସୁଯୋଗ୍ୟ ସନ୍ତାନମାନେ ଉତ୍କଳ ପ୍ରଦେଶ ଗଠନରେ ଅଗ୍ରଣି ଭୂମିକା ଗ୍ରହଣ କରିଥିଲେ । ଦଳମତ ନିର୍ବିଶେଷରେ ସମସ୍ତେ ଜିଲ୍ଲା ତଥା ରାଜ୍ୟର ଉନ୍ନତି ପାଇଁ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଥିଲେ । ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ଅସ୍ମିତା କୁ ଘରେ ଘରେ ପହଞ୍ଚାଇବା ପାଇଁ ଏପ୍ରିଲ ୧ ରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ ବିଷୟ ରେ ଆଲୋକପାତ କରିଥିଲେ ।ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ମାନ୍ୟବର ବିଧାୟକ, ଜଗତସିଂହପୁର ଶ୍ରୀ ଅମରେନ୍ଦ୍ର ଦାସ କହିଲେ ଜଗତସିଂହପୁର ମାଟି ରେ ସାରସ୍ୱତ ସାଧନା ସର୍ବ ବିଦିତ। ଜିଲ୍ଲା ଗଠନ ହେବା ପରେ ଆଜି ପର୍ଯ୍ୟନ୍ତ ଜିଲ୍ଲାରେ ବହୁ ଉନ୍ନୟନ ମୂଳକ କାର୍ଯ୍ୟ ହୋଇଛି । ଜିଲ୍ଲା ପ୍ରଗତି ପଥରେ ଆଗେଇ ଚାଲିଛି । ଏହି ପ୍ରଗତିରେ ସମସ୍ତେ ସାମିଲ ହେବାକୁ ସେ ଆହ୍ୱାନ ଦେଇଥିଲେ । ଏହି ଉତ୍ସବରେ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ମାନ୍ୟବର ବିଧାୟକ,ବାଲିକୁଦା – ଏରସମା ଶ୍ରୀ ସାରଦା ପ୍ରସନ୍ନ ଜେନା କହିଲେ ଓଡିଆ ଭାଷା ସାହିତ୍ୟକୁ ସମୃଦ୍ଧ କରିବାରେ ଜଗତସିଂହପୁରର ଅବଦାନ ରହିଛି । ଏହି ଉତ୍ସବରେ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ତିର୍‌ତୋଲ ବିଧାୟକ ଡଃ ରମାକାନ୍ତ ଭୋଇ କହିଲେ ଓଡିଶା ସ୍ୱତନ୍ତ୍ର ପ୍ରଦେଶ ଗଠନରେ ଜଗତସିଂହପୁର ଜିଲ୍ଲାର ଅବଦାନ ଯଥେଷ୍ଟ ରହିଛି । ଏହି ଉତ୍ସବରେ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଜିଲ୍ଲା ପରିଷଦର ସଭାପତି ଶ୍ରୀଯୁକ୍ତ ମନୋଜ କୁମାର ଭୋଇ ଜଗତସିଂହପୁର ଜିଲ୍ଲାର ଐତିହ୍ୟ ଓ ସଂସ୍କୃତି ସଂପର୍କରେ ବକ୍ତବ୍ୟ ରଖିଥିଲେ ।ଏହି ଉତ୍ସବରେ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଜଗତସିଂହପୁର ପୌର ପରିଷଦର ଅଧକ୍ଷା ଶ୍ରୀମତି ଅର୍ଚ୍ଚନା ସିଂହ ଜିଲ୍ଲାର ଐତିହ୍ୟ, ସଂସ୍କୃତି ସଂପର୍କରେ ଅବଗତ କରାଇଥିଲେ ।ଏହି ଉତ୍ସବରେ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଆରକ୍ଷୀ ଅଧିକ୍ଷକ, ଜଗତସିଂହପୁର ଶ୍ରୀଯୁକ୍ତ ଭବାନୀ ଶଙ୍କର ଉଦ୍‌ଗାତା କହିଲେ ଜିଲ୍ଲା ର ଉନ୍ନତି ପ୍ରଗତି ଜିଲ୍ଲାବାସୀ ଙ୍କ ର କାମ୍ୟ ।ଏହି ଉତ୍ସବରେ ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ଅଧ୍ୟକ୍ଷତା କରି କହିଲେ ଆଜି ହେଉଛି ସେହି ଦିବସ ଯେଉଁ ଦିବସରେ ସମଗ୍ର ଭାରତ ବର୍ଷରେ ଏକ ଭାଷାଭିତ୍ତିକ ରାଜ୍ୟ ଗଠନ ହୋଇଥିଲା । ସେହି ରାଜ୍ୟଟି ଆମ ଜନ୍ମଭୂମି ଓଡିଶା । ଓଡ଼ିଶା ଦିବସ ସହିତ ଜିଲ୍ଲା ଉତ୍ସବ କଲ୍‌ଲୋଳ ୫ ଦିନ ବ୍ୟାପି ଚାଲିବ । ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀମତୀ ପ୍ରତିଚୀ ତନୟା ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଜିଲ୍ଲାସ୍ତରୀୟ ଓଡିଶା ଦିବସ ପାଳନ ଅବସରରେ ଆୟୋଜିତ ବକ୍ତୃତା ଦେଶାତ୍ମବୋଧକ ସଂଗୀତ ଓ ଜଣା ଅଜଣା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । ଶେଷରେ ସହକାରୀ ଜିଲ୍ଲାପାଳ ସୁଶ୍ରୀ କଳ୍ପିତା କୁମାରୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ସକାଳେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ରାମଧୂନ୍ ସହରରେ ପରିବେଷଣ କରାଯାଇଥିଲା । ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ପ୍ରଭାତ ଫେରିରେ ଆସି ଗୋପବନ୍ଧୁ ନଗର ଉଦ୍ୟାନ ଠାରେ ମିଳିତ ହୋଇଥିଲେ । ସେଠାରେ ପୁରୋହିତପୁର ନୋଡାଲ ହାଇସ୍କୁଲର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ସଂଗୀତ ଗାନ କରାଯାଇଥିଲା । ମାନ୍ୟବର ବିଧାୟକ ଶ୍ରୀ ଅମରେନ୍ଦ୍ର ଦାସ ପିଲାମାନଙ୍କୁ ଓଡ଼ିଶା ଦିବସର ତାତ୍ପର୍ଯ୍ୟ ସଂପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ ।ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ପିଲା ମାନଙ୍କୁ ଓଡ଼ିଶାର ଇତିହାସକୁ ଜାଣିବା ପାଇଁ ଉପଦେଶ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ଏହା ପରେ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ପଡ଼ିଆ ଠାରୁ ଏକ ସାଂସ୍କୃତିକ ଶୋଭାଯାତ୍ରାକୁ ବିଧାୟକ ଶ୍ରୀ ଦାସ ଶୁଭ ଉଦ୍‌ଘାଟନ କରିଥିଲେ । ଓଡ଼ିଶା ଦିବସ ଓ ଜିଲ୍ଲା ଉତ୍ସବର ଉଦ୍ ?ଘାଟନୀ ଉତ୍ସବରେ ସହରର ମାନ୍ୟଗଣ୍ୟ ବ୍ୟକ୍ତି, ଜିଲ୍ଲାସ୍ତରୀୟ ଅଧିକାରୀ, ବୁଦ୍ଧିଜିବୀ,ଆଇନଜୀବୀ, ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ । ପରିଶେଷରେ ଓଡିଶୀ ନୃତ୍ୟ, ବିବିଧ ନୃତ୍ୟ ପରିବେଷଣ କରାଯାଇଥିଲା । ଏହି ଉତ୍ସବ ରେ ଓରମାସ ପକ୍ଷରୁ ଆୟୋଜିତ ଷ୍ଟଲ୍ ରେ ୧୫୦ ଷ୍ଟଲ୍ ରେ ଜିଲ୍ଲା, ତଥା ରାଜ୍ୟ ବାହାରୁ ଆସିଥିବା ଷ୍ଟଲ୍,ବିଭାଗୀୟ ଷ୍ଟଲ୍ ଏବଂ ଖାଦ୍ୟ ଷ୍ଟଲ ଆୟୋଜିତ ହୋଇଛି।



# କ୍ରମାଗତ ଭାବେ ଦ୍ୱିତୀୟ ଥର ପାଇଁ ପାରାଦୀପ ବନ୍ଦର ଦେଶର ଏକ ନମ୍ବର ବନ୍ଦର

ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ପଣ୍ୟ କାରାବାର କ୍ଷେତ୍ରରେ ଏକ ନୂଆ ମାଇଲ୍ ଖୁ ସ୍ଥାପନ କରି ସର୍ବକାଳୀନ ରେକର୍ଡ ସୃଷ୍ଟି କରିଛି । ଦେଶର ସମସ୍ତ ବୃହ ବନ୍ଦର ଓ ବେସରକାରୀ ବନ୍ଦରମାନଙ୍କୁ ପଛରେ ପକାଇ ପାରାଦୀପ ବନ୍ଦର ପୂର୍ଣ୍ଣବାର ଏକ ନମ୍ବର ବନ୍ଦର ହୋଇଛି । ଏ ସମ୍ପର୍କରେ ବୁଧବାର ଦିନ ପାରାଦୀପ ବନ୍ଦର ପ୍ରଶାସନିକ ଭବନ ବୋର୍ଡରୁମ୍ ପରିସରରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ । ସମସ୍ତ ଭାରତୀୟ ବନ୍ଦରମାନଙ୍କ ମଧ୍ୟରେ ପାରାଦୀପ ବନ୍ଦର ପଣ୍ୟ କାରବାର କ୍ଷେତ୍ରକୁ ଆଧୁନିକିକରଣ କରିବାରେ ସକ୍ଷମ ହୋଇ ଉପକୂଳ ପଣ୍ୟ କାରବାର କ୍ଷେତ୍ରରେ ୭.୬୫ ପ୍ରତିଶତ ଅଭିବୃଦ୍ଧି କରି ପାରିଛି । ରେଳ ରେକ୍ ପରିବହନ କ୍ଷେତ୍ରରେ ୫.୩୨ ପ୍ରତିଶତ ଅଭିବୃଦ୍ଧି କରି ୨୨,୮୧୮ ରେକ୍ ପରିବହନ କରି ଆଉ ଏକ ରେକର୍ଡ ସୃଷ୍ଟି କରିଛି । କେ ନର କାର୍ଗୋ କ୍ଷେତ୍ରରେ ୩.୨୧ ପ୍ରତିଶତ ଅଭିବୃଦ୍ଧି କରିଛି ପାରାଦୀପ ବନ୍ଦର । ବର୍ଥ ପରିଚାଳନାରେ ସମଗ୍ର ଦେଶରେ ପାରାଦୀପ ବନ୍ଦର ଦୈନିକ୩୪,୨୮୩ ଏମଟି ପଣ୍ୟ କାରବାର କରିବାରେ ସଫଳତା ହାସଲ କରିଛି । ଟର୍ମିନାଲ ପରିଚାଳନାରେ କେଆଇସିଟି ରେକର୍ଡ ୧୫.୧୮ ପ୍ରତିଶତ ଅଭିବୃଦ୍ଧି କରି ସଫଳତା ହାସଲ କରିଥିବା ନେଇ ଅଧକ୍ଷ ଶ୍ରୀ ହରନାଦ ସୂଚନା ଦେଇଛନ୍ତି । ପଶ୍ଚିମ ଡକ୍ କାର୍ଯ୍ୟ ଜେପିପିଏଲ୍ ଆସ୍ନତା ୨୦୨୬ ସୁଦ୍ଧା ଶେଷ କରିବା ନେଇ ସେ ସୂଚନା ଦେଇଥିଲେ । ଏହି ଅବସରରେ ଅଧକ୍ଷ ଶ୍ରୀ ହରନାଦ ରପ୍ତାନୀକାରୀ, ଆମଦାନୀ ସଂସ୍ଥା, ପିପିପି ଅପରେଟର୍, ଷ୍ଟିଭେଡୋର୍ସ, ସିପିଙ୍ଗ ଏଜେ , ବନ୍ଦର ଅଧିକାରୀ, କର୍ମଚାରୀମାନଙ୍କୁ ଧନ୍ୟବାଦ ଜଣାଇବା ସହିତ ଏହି ସଫଳତା ପଛରେ ମାନ୍ୟବର କେନ୍ଦ୍ର ବନ୍ଦର ଓ ଜଳମାର୍ଗ ମନ୍ତ୍ରୀ ସର୍ବାନନ୍ଦ ସୋନେଓାଲ, ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ଶାନ୍ତନୁ ଠାକୁରଙ୍କୁ କୃତଜ୍ଞତା ଜଣାଇଛନ୍ତି । ସେମାନଙ୍କ ମାର୍ଗଦର୍ଶନରେ ପାରାଦୀପ ବନ୍ଦର ଏହି ସଫଳତା ହାସଲ କରିଥିବା ନେଇ ଅଧକ୍ଷ ଶ୍ରୀ ହରନାଦ ସୂଚନା ଦେଇଥିଲେ । ଏଥି ସହିତ ରେଳ ମନ୍ତ୍ରଣାଳୟ, ଓଡିଶା ସରକାର ଓ କଷ୍ଟମ ବିଭାଗକୁ ସାଧୁବାଦ ଜଣାଇଛନ୍ତି । ସେମାନଙ୍କ ସହଯୋଗ ବିନା ପାରାଦୀପ ବନ୍ଦର ଏହି ସଫଳତା ହାସଲ କରି ପାରିନଥାନ୍ତା ବୋଲି ଅଧକ୍ଷ ଶ୍ରୀ ହରନାଦ କହିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ପାରାଦୀପ ବନ୍ଦରର ବିଭିନ୍ନ ବିଭାଗୀୟ ମୁଖ୍ୟ, ଅଧିକାରୀମାନଙ୍କ ଉପସ୍ଥିତିରେ ଅଧକ୍ଷ ଶ୍ରୀ ହରନାଦ କେକ୍ କାଟି ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ ।



## ପାରାଦୀପ ପୋର୍ଟ ଡିଏଲଆରସ୍ ଆଣ୍ଡ କ ୍ଲକ୍ଟ ଓାର୍କମେନ୍ ଆସୋସିଏସନ୍ ପକ୍ଷରୁ ବନ୍ଦର ଅଧକ୍ଷଙ୍କୁ ଦାବୀପତ୍ର ପ୍ରଦାନ

ପାରାଦୀପ,(ପି.ଏନ): ପାରାଦୀପ ପୋର୍ଟ ଡିଏଲଆରସ୍ ଆଣ୍ଡ କ ୍ଲକ୍ଟ ଓାର୍କମେନ୍ ଆସୋସିଏସନ୍ ସଭାପତି ପ୍ରକାଶ ତ୍ରିପାଠିଙ୍କ ନେତୃତ୍ୱରେ ଏକ ଦାବୀପତ୍ର ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ୍.ହରନାଦଙ୍କୁ ପ୍ରଦାନ କରାଯାଇଛି। ଛଅ ଶହ ସଭ୍ୟଙ୍କ ଦସ୍ତଖତ ସମ୍ବଳିତ ଏହି ଦାବୀପତ୍ରରେ ଡିଏଲଆର୍‌ମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ଶ୍ରୀ ତ୍ରିପାଠୀଙ୍କ ସମେତ ଆସୋସିଏସନ୍‌ର କାର୍ଯ୍ୟକାରୀ ସଭାପତି ଅଭିମନ୍ୟୁ ବେହେରା, ସାଧାରଣ ସମ୍ପାଦକ ପରେଶ ମୁର୍ମୁଙ୍କ ସମେତ ଏକ ପ୍ରତିନିଧି ଦଳ ବନ୍ଦର ଅଧକ୍ଷ ଶ୍ରୀ ହରନାଦଙ୍କୁ ଭେଟି ଆଲୋଚନା କରିଥିଲେ। ପୂର୍ବରୁ ଏହିପରି ଏକ ଦାବୀପତ୍ର ବନ୍ଦର ଅଧକ୍ଷଙ୍କୁ ପ୍ରଦାନ କରାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ।

# ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନାରୀରେ ଉତ୍କଳ ଦିବସ ପାଳିତ






ପାରାଦୀପ,(ପି.ଏନ): ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନାରୀ ପରିସରରେ ଉତ୍କଳ ଦିବସ ପାଳିତ ହୋଇଯାଇଛି । ଏହି ଉତ୍ସବରେ ପାରାଦୀପ ରିଫାଇନାରୀ ନିର୍ବାହୀ ନିର୍ଦ୍ଦେଶକ ତଥା ରିଫାଇନାରୀ ମୁଖ୍ୟ କୌଶିକ ବସୁ ଯୋଗ ଦେଇ ପାରାଦୀପ ରିଫାଇନାରୀ ଓଡିଶାର ଏକ ଅଂଶ ହୋଇଥିବାରୁ ଗର୍ବିତ ଏବଂ ରାଜ୍ୟର ଅଭିବୃଦ୍ଧି ତଥା ବିକାଶ ପାଇଁ ଇଣ୍ଡିଆନ୍ ଅଏଲ୍ ସର୍ବଦା ପ୍ରତିଶ୍ରୁତିବଦ୍ଧ । ଯାହାଙ୍କ ପାଇଁ ଓଡିଶା ସ୍ୱତନ୍ତ୍ର ରାଜ୍ୟ ଭାବେ ଗଠିତ ହୋଇଥିଲା ସେମାନଙ୍କ ଅବଦାନକୁ ସେ ସମ୍ମାନ ଦେବା ସହିତ ସେମାନଙ୍କ ଅବଦାନ ଓ ବଳିଦାନ ସବୁ ଦିନ ପାଇଁ ଓଡିଶାବାସୀ ମନେ ରଖିବେ ବୋଲି କହିଥିଲେ । ଉତ୍କଳ ଜ୍ୟୋତି ଅଫିସର୍ସ ମହିଳା କ୍ଲବ୍ ପକ୍ଷରୁ ଓଡିଶାର ରାଜ୍ୟ ସଂଗୀତ ବନ୍ଦେ ଉତ୍କଳ ଜନନୀ ପରିବେଷଣ କରାଯାଇଥିଲା । ରାଜ୍ୟର କଳା ଏବଂ ସାଂସ୍କୃତିର ସମୃଦ୍ଧିକୁ ପ୍ରଦର୍ଶିତ କରୁଥିବା କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା । ମହାପ୍ରବନ୍ଧକ (ମାନବ ସମ୍ବଳ) ଶମ୍ଭୁ ଚକ୍ରବ ୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ମହାପ୍ରବନ୍ଧକ (ଇଏମ୍‌ଏମ୍) ଧର୍ମେଶ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray